୨୦-୨୬ ଜୁଲାଇ, ୨୦୨୫


ସକାଳ
THE SAKALA

ରବିବାର
ସିନ୍ଦୁରା


- ଯାତ୍ରା
- ଯାତ୍ରା : ପ୍ରାଚୀନରୁ ସାଂପ୍ରତିକ
- ଓଡ଼ିଆ ଗଣନାଟ୍ୟ ଧାରା
- ପରମ୍ପରା ପୃଷ୍ଠାରେ ଆଜିର ଯାତ୍ରା
- ଯାତ୍ରା: ସେବେ ଓ ଏବେ




# ଯାତ୍ରାର ଯାତ୍ରା



ଓଡ଼ିଶାର ଏକ ପ୍ରାଚୀନ ଲୋକପ୍ରିୟ ଦୃଶ୍ୟଶ୍ରାବ୍ୟ ହେଉଛି ଯାତ୍ରା । ଏହା ଅପେରା ବା ଗଣନାଟ୍ୟ ନାମରେ ମଧ୍ୟ ପରିଚିତ । ନୃତ୍ୟ, ନାଟକ ଓ ସଙ୍ଗୀତର ସମ୍ମିଶ୍ରଣ ହେଉଛି ଯାତ୍ରା । ବିଭିନ୍ନ ମେଳା, ମହୋତ୍ସବ, ପର୍ବପର୍ବାଣି ପାଳନ ଅବସରରେ ଯାତ୍ରା ନାଟକ ମନୋରଞ୍ଜନର ଅନ୍ୟତମ ମାଧ୍ୟମ ପାଲଟିଛି । ଯାତ୍ରା ଜଗତ ଏବେ 'ଯଲିଉଡ୍' ନାମରେ ପରିଚିତ । ଲୋକନାଟକ, ଗୀତିନାଟ୍ୟର ପରିବର୍ତ୍ତିତ ରୂପ ଯାତ୍ରା ନାଟକ । ପ୍ରଥମେ ଚଉଖୁଣ୍ଟିଆ ଛାମୁଡ଼ିଆରୁ ଆରମ୍ଭ ହୋଇଥିବା ଯାତ୍ରା ନାଟକ ଧୀରେ ଧୀରେ ସାରା ଓଡ଼ିଶାରେ କାୟା ବିସ୍ତାର କରିବାକୁ ଲାଗିଲା । ଏବେ ଅତ୍ୟାଧୁନିକ ମଞ୍ଚରେ ପରିବେଷଣ କରାଯାଉଛି ଯାତ୍ରା ନାଟକ । ହଜାର ହଜାର ଦର୍ଶକଙ୍କ ବସିବା ପାଇଁ ସୁବ୍ୟବସ୍ଥା, ରଙ୍ଗିନ ଆଲୋକମାଳାରେ ସୁସଜ୍ଜିତ ମଞ୍ଚ, ମେଲୋଡିଠାରୁ ଆରମ୍ଭ କରି ଦାମୀନାମୀ କଳାକାରଙ୍କ ହୃଦୟସ୍ପର୍ଶୀ ଅଭିନୟ ଦର୍ଶକଙ୍କୁ ଟାଣି ଆଣୁଛି ଯାତ୍ରାକୁ । ବର୍ତ୍ତମାନ ମନୋରଞ୍ଜନର ଅନ୍ୟତମ ମାଧ୍ୟମ ପାଲଟିଛି ଯାତ୍ରା । ଗାଁଠାରୁ ସହର ପର୍ଯ୍ୟନ୍ତ ସବୁଠି ଏହାର ବେଶ୍ ଚାହିଦା ରହିଛି । ଉଚ୍ଚଶିକ୍ଷକ ବ୍ୟକ୍ତି, ରୁପେଲି ପରଦାର କଳାକାରମାନେ ମଧ୍ୟ ଯାତ୍ରା ନାଟକରେ ଅଭିନୟ କରିବା ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି । ହଜାର ହଜାର ଲୋକଙ୍କ ପାଇଁ ରୋଜଗାରର ମାଧ୍ୟମ ପାଲଟିଛି ଯାତ୍ରା ଜଗତ । ତେବେ ଅନେକ ସମୟରେ ଯାତ୍ରାକୁ ନେଇ ବିବାଦ ମଧ୍ୟ ଉଠୁଛି । କେଉଁଟି ରେକର୍ଡ ଡ୍ୟାନ୍ସ ନାଁରେ ଅଶ୍ଳୀଳ ନୃତ୍ୟ ପ୍ରଦର୍ଶନ କରାଯାଉଛି ତ କେଉଁଠି ଅଭିନେତ୍ରୀଙ୍କୁ ଶାରୀରିକ, ମାନସିକ ନିର୍ଯାତନା ଦିଆଯାଉଥିବା ଅଭିଯୋଗ ହେଉଛି ପୁଣି କେଉଁଠି କଳାକାରଙ୍କ ଦରମାକୁ ନେଇ ବିବାଦ ଉଠୁଛି । ତଥାପି ଯାତ୍ରାର ଚାହିଦା କମିନି । ଏହି ପରିପ୍ରେକ୍ଷୀରେ ଓଡ଼ିଶାର ଯାତ୍ରା ପରମ୍ପରା, ଇତିହାସ, କ୍ରମବିକାଶ, ଆଧୁନିକୀକରଣ, ବିବାଦ ଆଦିକୁ ନେଇ ଏଥର 'ସିନ୍ଦୂରା'ର ସ୍ୱତନ୍ତ୍ର ପ୍ରତିବେଦନ : **ଯାତ୍ରାର ଯାତ୍ରା**

ପ୍ରସ୍ତୁତି : 'ସକାଳ' ବ୍ୟୁରୋ



## କେମିତି କଟିବ ସପ୍ତାହ

**ମେଷ**
ରବି, ସୋମବାରରେ ସମୟ ଅତ୍ୟନ୍ତ ଅନୁକୂଳ ରହିବ । ସଙ୍ଗୀତ କଳା ପ୍ରତି ରୁଚି ବଢ଼ିବ । ମଙ୍ଗଳ, ବୁଧ, ଗୁରୁବାରରେ କର୍ମକ୍ଷେତ୍ରରେ ଆପଣଙ୍କ ମତାମତ ରଖିବାର ସୁଯୋଗ ପାଇବେ । ଶୁକ୍ର, ଶନିବାରରେ ଦୀର୍ଘଦିନରୁ ପଡ଼ିରହିଥିବା କାର୍ଯ୍ୟ ପୂରଣ ହେବ ।

**ବୃଷ**
ରବି, ସୋମବାରରେ ବିଭିନ୍ନ କାର୍ଯ୍ୟରେ ସଫଳତା ପାଇପାରନ୍ତି । ପରିବାରରେ ଲାଗି ରହିଥିବା ସମସ୍ୟାରୁ ମୁକ୍ତି ପାଇବେ । ମଙ୍ଗଳ, ବୁଧ, ଗୁରୁବାରରେ ଦେଶବିଦେଶ ଭ୍ରମଣ ଯୋଗ ରହିଛି । ଶୁକ୍ର, ଶନିବାରରେ ବ୍ୟବସାୟ ପ୍ରସାରିତ ହେବ । ସାମାଜିକ ଦାୟିତ୍ୱବୋଧ ବୃଦ୍ଧି ପାଇବାକୁ ଲାଗିବ ।

**ମିଥୁନ**
ରବି, ସୋମବାରରେ ଭବିଷ୍ୟତ ପାଇଁ ବଡ଼ ଯୋଜନା ପ୍ରସ୍ତୁତ କରିବେ । ଅଟକି ରହିଥିବା ଧନ ଫେରିପାଇବେ । ମଙ୍ଗଳ, ବୁଧ, ଗୁରୁବାରରେ କର୍ମକ୍ଷେତ୍ରରେ ନିଜର ପ୍ରତିଭାକୁ ବିକଶିତ କରିବେ । ଶୁକ୍ର, ଶନିବାରରେ ଜୀବନରେ ଭିନ୍ନ ମୋଡ଼ ଦେଖାଦେବ । ଛାତ୍ରଛାତ୍ରୀମାନେ ଲେଖାପଢ଼ାରେ ମନୋନିବେଶ କରିବେ ।

**କର୍କଟ**
ରବି, ସୋମବାରରେ ସଂଘର୍ଷ କରି ସଫଳତା ପାଇପାନ୍ତି । ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟରେ ଯୋଗ ଦେଇପାରନ୍ତି । ମଙ୍ଗଳ, ବୁଧ, ଗୁରୁବାରରେ ଅଯଥା ଝାମେଲାରୁ ନିଜକୁ ଦୂରେଇ ରଖନ୍ତୁ । ଶୁକ୍ର, ଶନିବାରରେ ଛାତ୍ରଛାତ୍ରୀ କ୍ୟାରିୟରରେ ଉନ୍ନତି କରିବେ । ଆର୍ଥିକକ୍ଷେତ୍ରରେ ପରିବାର ବର୍ଗଙ୍କ ସହଯୋଗ ପାଇବେ ।

**ସିଂହ**
ରବି, ସୋମବାରରେ ସନ୍ତାନସନ୍ତତିଙ୍କୁ ନେଇ ଚିନ୍ତାରେ ପଡ଼ିପାରନ୍ତି । ଧାର୍ମିକ ମନୋବୃତ୍ତି ରଖି ଗରିବଙ୍କୁ ସାହାଯ୍ୟ କରିବେ । ମଙ୍ଗଳ, ବୁଧ, ଗୁରୁବାରରେ ପରିବାରରେ ଲାଗି ରହିଥିବା ବାଦବିବାଦ ପରିସ୍ଥିତିରେ ସୁଧାର ଆସିବ । ଶୁକ୍ର, ଶନିବାରରେ ଅର୍ଥନୈତିକ କ୍ଷେତ୍ରରେ ଉନ୍ନତି କରିବେ ।

**କନ୍ୟା**
ରବି, ସୋମବାରରେ କିଛିଟା ଉତ୍ତେଜନା ଭିତରେ କାର୍ଯ୍ୟ ତୁଲାଇବେ । ଦୂରଯାତ୍ରା କରିପାରନ୍ତି । ମଙ୍ଗଳ, ବୁଧ, ଗୁରୁବାରରେ ବିଭିନ୍ନ କ୍ଷେତ୍ରରେ ଅର୍ଥପ୍ରାପ୍ତି ଯୋଗ ରହିଛି । ଶୁକ୍ର, ଶନିବାରରେ ଉଚ୍ଚ ସମ୍ମାନର ଅଧିକାରୀ ହୋଇପାରନ୍ତି । ପଡ଼ୋଶୀଙ୍କ ସହ ସମ୍ପର୍କରେ ନିବିଡ଼ତା ବଢ଼ିବ ।

**ତୁଳା**
ରବି, ସୋମବାରରେ ଦେହ ଓ ମନ ଭଲ ରହିବ । ବେପାରରେ ମନ ମୁତାବକ ଫଳ ପାଇବେ । ମଙ୍ଗଳ, ବୁଧ, ଗୁରୁବାରରେ ଆର୍ଥିକ ସ୍ଥିତିରେ ସ୍ୱଚ୍ଛଳତା ଦେଖାଦେବ । ଶୁକ୍ର, ଶନିବାରରେ କୋର୍ଟକଚେରୀ ମାମଲାରେ ସଫଳତା ହାସଲ କରିବେ । ଦାମ୍ପତ୍ୟ ଜୀବନରେ ମଧୁରତା ବଢ଼ିବ ।

**ବିଛା**
ରବି, ସୋମବାରରେ ନିଜ ବୁଦ୍ଧି ବିବେକ ଅନୁସାରେ କାର୍ଯ୍ୟ କରି ସଫଳତା ପାଇବେ । କର୍ମକ୍ଷେତ୍ରରେ ଦାୟିତ୍ୱଭାର ବଢ଼ିବାକୁ ଲାଗିବ । ମଙ୍ଗଳ, ବୁଧ, ଗୁରୁବାରରେ କ୍ୟାରିୟରରେ ଉନ୍ନତି କରିବେ । ଶୁକ୍ର, ଶନିବାରରେ ନିଜ ବାକ୍ୟ ଉପରେ ସଂଯମତା ରକ୍ଷା କରନ୍ତୁ ।

**ଧନୁ**
ରବି, ସୋମବାରରେ କୌଣସି ନିଷ୍ପତ୍ତି ନେବା ସମୟରେ ଦ୍ୱନ୍ଦ୍ୱରେ ପଡ଼ି ଯାଇପାରନ୍ତି । ପ୍ରତିଶୋଧ ପରାୟଣ ହୋଇ ଅଶାନ୍ତିରେ ରହିବେ । ମଙ୍ଗଳ, ବୁଧ, ଗୁରୁବାରରେ ନିଜକୁ ପ୍ରମାଣିତ କରିବାକୁ ଯାଇ ଅଧିକ ପରିଶ୍ରମୀ ହେବେ । ଶୁକ୍ର, ଶନିବାରରେ ପରିବାରରେ ତିକ୍ତତା ଉପୁଜିପାରେ ।

**ମକର**
ରବି, ସୋମବାରରେ ହେଉଥିବା କାମ ବିଗିଡ଼ି ଯିବା ଦ୍ୱାରା ଚିନ୍ତିତ ରହିପାରନ୍ତି । ଗୁରୁଜନଙ୍କ ପରାମର୍ଶ ଲୋଡ଼ିବେ । ମଙ୍ଗଳ, ବୁଧ, ଗୁରୁବାରରେ ଶୁଭ କାର୍ଯ୍ୟରେ ଯୋଗ ଦେଇ ଉତ୍ସାହିତ ରହିବେ । ଶୁକ୍ର, ଶନିବାରରେ ବ୍ୟବସାୟୀମାନେ ଆଶାଠାରୁ ଅଧିକ ଲାଭ ପାଇବେ ।

**କୁମ୍ଭ**
ରବି, ସୋମବାରରେ ପରିସ୍ଥିତି ଅନୁସାରେ ନିଷ୍ପତ୍ତି ନେଇପାରନ୍ତି । ସମସ୍ୟାର ସମାଧାନ ବାଟ ଖୋଜିବେ । ମଙ୍ଗଳ, ବୁଧ, ଗୁରୁବାରରେ ନିଜ ମନ କଥା କହି କଷ୍ଟ ପାଇ ପାରନ୍ତି । ଶୁକ୍ର, ଶନିବାରରେ ପରିବାରବର୍ଗଙ୍କ ସହଯୋଗ ପାଇବେ । ବ୍ୟବସାୟରେ ଲାଭାନ୍ୱିତ ହେବେ ।

**ମୀନ**
ରବି, ସୋମବାରରେ ଶତ୍ରୁର କୂଟଚକ୍ରାନ୍ତର ଶିକାର ହୋଇପାରନ୍ତି । ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ବାଧା ଉପୁଜିପାରେ । ମଙ୍ଗଳ, ବୁଧ, ଗୁରୁବାରରେ ପରିଶ୍ରମର ଫଳପ୍ରାପ୍ତି ହେବ । ଶୁକ୍ର, ଶନିବାରରେ କର୍ମକ୍ଷେତ୍ରରେ ଉନ୍ନତି କରିବେ । ଗୁରୁଜନଙ୍କ ସ୍ୱାସ୍ଥ୍ୟ ଅବସ୍ଥାକୁ ନେଇ ଚିନ୍ତିତ ରହିବେ ।

ନନ୍ଦିଘୋଷ ନେଟୱର୍କ ପ୍ରାଇଭେଟ୍ ଲିମିଟେଡ୍
ଇଡ୍‌କୋ ପ୍ଲଟ୍ ନଂ: ୯୦ - ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯
ଇ-ମେଲ୍ : feature@thesakala.com

# ଯାତ୍ରା




ଡକ୍ଟର ହିମାଦ୍ରି ତନୟା ମିଶ୍ର













ଭାରତରେ ଦେବପୂଜା ଅବସରରେ ଯେଉଁ ନୃତ୍ୟଗୀତ ଇତ୍ୟାଦିର ଆୟୋଜନ କରାଯାଉଥିଲା ତହିଁରୁ ଯାତ୍ରାର ସୃଷ୍ଟି ଗ୍ରହଣୀୟ ହୋଇପାରେ । ଭାରତୀୟ ପରମ୍ପରାରେ ଧର୍ମ ଉତ୍ସବକୁ ଯାତ୍ରା କୁହାଯାଏ। ଏହାର କାରଣ ହେଉଛି ଏଥିରେ ଉଭୟ ଦେବ ବିଗ୍ରହ ଓ ଭକ୍ତ ମଣ୍ଡଳୀ ସ୍ଥାନାନ୍ତର ହୋଇଥାନ୍ତି । ଏହି ଅବସରରେ ଭକ୍ତ ବୃନ୍ଦ ନାନା ପ୍ରକାର ଆଙ୍ଗିକ ଓ ବାଚିକ ଅଭିନୟ କରୁଥିଲେ, ଏହି ଆନନ୍ଦ ଉତ୍ସବକୁ ଯାତ୍ରା କୁହାଯାଉଥିଲା । ଯାତ୍ରା ଲୋକନାଟକର ଏକ ଶକ୍ତିଶାଳୀ ବିଭାଗ। ଏହାକୁ ଲୀଳା, ସୁଆଙ୍ଗ, ଦଣ୍ଡନାଟ, ଦେଶୀୟା ନାଟ ପ୍ରଭୃତି କୁହାଯାଏ । ଆଦିମ ମଣିଷର ଅର୍ଥହୀନ ସଙ୍ଗୀତ ଓ ନୃତ୍ୟ ବିବର୍ତ୍ତନର ପ୍ରକ୍ରିୟାରେ ସଙ୍ଗୀତମୟ କାହାଣୀ ରୂପେ ଆତ୍ମ ପ୍ରକାଶ କରିଥିବାର ଅନୁମାନ କରାଯାଇଥାଏ। ଯାତ୍ରା ଶବ୍ଦର ମାର୍ମିକ ଅର୍ଥ ହେଉଛି ଯିବା ବା ଗମନ କରିବା। ବୌଦ୍ଧ, ଜୈନ ସାହିତ୍ୟ, ତନ୍ତ୍ର ସାହିତ୍ୟ, ବୈଷ୍ଣବ ସାହିତ୍ୟରେ ଯାତ୍ରା ଶବ୍ଦଟି ଧର୍ମୀୟ ଉତ୍ସବ ଅର୍ଥରେ ବ୍ୟବହୃତ ହୋଇଛି। ଏପରିକି ଜଗନ୍ନାଥ ମନ୍ଦିରରେ ଦେବ ବିଗ୍ରହମାନଙ୍କର ବିଭିନ୍ନ ଉତ୍ସବକୁ ଯାତ୍ରା କୁହାଯାଇଥାଏ। ଏହିସବୁ ପ୍ରମାଣରୁ ଅନୁମାନ କରାଯାଇପାରେ ଯେ, ହିନ୍ଦୁଧର୍ମର ଉତ୍ସବଗୁଡ଼ିକ ବହୁକାଳରୁ ଯାତ୍ରା ନାମରେ ପରିଚିତ ହୋଇ ଆସୁଛି। ନାଟ୍ୟକାରମାନେ ଏଥିପାଇଁ ନାଟକ ରଚନା କରୁଥିବାର ପ୍ରମାଣ ରହିଛି। କ୍ରମଶଃ ଏହି ଉପଲକ୍ଷେ ଆୟୋଜିତ ଅଭିନୟକୁ ଯାତ୍ରା କୁହାଗଲା।

ଯାତ୍ରା, ଗୀତିନାଟ୍ୟ, ଗୀତାଭିନୟ, ସୁଆଙ୍ଗ ଓ ଲୀଳା – ଏ ସମସ୍ତ ଥିଲା ସଙ୍ଗୀତ ପ୍ରଧାନ । ନାଟକରେ ସଂଳାପର ବିବର୍ତ୍ତନ ସମ୍ପର୍କରେ ଏତିକି ଜଣାଯାଏ, ସଂଳାପ ସଙ୍ଗୀତର ଅଧିକାରରୁ ନିଜକୁ ମୁକ୍ତ କରି ପ୍ରଥମେ ଛନ୍ଦୋବଦ୍ଧତା ମଧ୍ୟରେ ଆତ୍ମ ପ୍ରକାଶ ପୂର୍ବକ କ୍ରମଶଃ ଶମ୍ବୁକ ଗତିରେ ଗଦ୍ୟ ଆଡ଼କୁ ଅଗ୍ରସର ହୋଇଛି। ଯାତ୍ରାକାର ଗୋଟିଏ କାହାଣୀର ଆଧାରରେ ପ୍ରଥମେ 'ପଞ୍ଚସନ୍ଧି' ସମନ୍ୱିତ ବୃତ୍ତଟିଏ ପରିକଳ୍ପନା କରନ୍ତି । ଉପସ୍ଥାପନ ସମୟରେ ସଙ୍ଗୀତ ତଥା ଗଦ୍ୟ ବଚନିକା ପ୍ରୟୋଗର ସ୍ୱାଧୀନତା ନାଟ୍ୟକାରଙ୍କର ଥାଏ। ମଞ୍ଚନାଟକ ଅପେକ୍ଷା ଯାତ୍ରା ନାଟକର ଅଧିକ ଲୋକପ୍ରିୟତା ଏଯାବତ୍ ରହି ଆସିଛି ।

## ଜନ ସମ୍ପର୍କରେ ଯାତ୍ରାର ଭୂମିକା

ଯାତ୍ରା ନାଟକ ସମାଜ ଜୀବନରେ ନୈତିକତା ଓ ସାମ୍ୟବାଦର ନୀତିକୁ ସମର୍ଥନ କରି ସର୍ବଦା ବୈଷମ୍ୟ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରି ଆସିଛି । ଆଙ୍ଗିକରେ ଏସବୁ ପୁଣି ବର୍ଣ୍ଣାଢ଼୍ୟ ଗୀତିମୟ ଓ ତତ୍କାଳୀନ ଉତ୍ତେଜନା ସୃଷ୍ଟି କରିପାରୁଥିବାରୁ ସାଧାରଣ ଜନତାର ଅତିପ୍ରିୟ ହୋଇଆସିଛି । ଲୋକନାଟକରେ ଲୋକଭାଷା, ଢଗଢମାଳି, ରୂଢ଼ି, ପ୍ରବଚନ ପ୍ରଭୃତି ବ୍ୟବହୃତ ହୁଏ। ଏଗୁଡ଼ିକକୁ ଦର୍ଶକ ସହଜରେ ଗ୍ରହଣ କରି ନେଇ ପାରନ୍ତି । ଲୋକ ମନସ୍ତତ୍ତ୍ୱ ଉପରେ ଉଭୟ କଳାକାର ଓ କବିଙ୍କର ବେଶ୍ ଦଖଲ ଥାଏ । ପ୍ରକୃତି ଦୃଷ୍ଟିରୁ ଏଗୁଡ଼ିକ ସ୍ୱତଃସ୍ଫୂର୍ତ୍ତ, ଲୋକରୁଚିତ ବାହକ ଏବଂ ଲୋକଚିନ୍ତାର ପ୍ରତିବିମ୍ବ । ତେଣୁ ଜନସମ୍ପର୍କ ପାଇଁ ଏହା ହେଉଛି ଏକ ଅତ୍ୟନ୍ତ ଶକ୍ତିଶାଳୀ ମାଧ୍ୟମ । ଭାରତୀୟ ସମାଜରେ ଯେହେତୁ ଗଳ୍ପ, କିମ୍ବଦନ୍ତୀ, ପୁରାଣକଥା, ଇତିବୃତ୍ତ ମାଧ୍ୟମରେ ମୌଖିକ ରୂପରେ ଶିକ୍ଷାଦାନର ବ୍ୟବସ୍ଥା ଥିଲା, ତେଣୁ ଅନୁମାନ କରିବା କଷ୍ଟସାଧ ନୁହେଁ ଯେ, ସାମାଜିକ ସମସ୍ୟା ସମ୍ପର୍କରେ ନାଟକ ମାଧ୍ୟମରେ ହିଁ ଦର୍ଶକମାନଙ୍କୁ ସଚେତନ କରି ଦିଆଯାଉଥିଲା ।

## ଯାତ୍ରାର ସ୍ୱତନ୍ତ୍ରତା

ସ୍ୱତଃସ୍ଫୂର୍ତ୍ତତା ଓ ସ୍ୱଚ୍ଛନ୍ଦତା ଲୋକନାଟକର ପ୍ରଧାନ ଧର୍ମ, ଯାହା ପାରମ୍ପରିକ ନାଟକରେ ନ ଥାଏ । କାଶ୍ମୀରର ଭାଣ୍ଡ ପାଥେର ଓ କରିୟାଲା ହେଉଛି ଏହି ଧରଣର ଦୁଇଟି ନାଟକ, ଯେଉଁଥିରେ ଅଭିନେତା ମଞ୍ଚ ଉପରେ ଦଣ୍ଡାୟମାନ ହୋଇ ନିଜେ ନିଜର ସଂଳାପ ମୁହେଁ ମୁହେଁ କହିଯାଆନ୍ତି । କୌଣସି ପୂର୍ବ ପ୍ରସ୍ତୁତି ଏଥିପାଇଁ କରି ନ ଥାନ୍ତି । ସେହିପରି ଯକ୍ଷଗାନରେ ମଧ୍ୟ କୌଣସି ପୂର୍ବ ନିର୍ଦ୍ଦିଷ୍ଟ ଗଦ୍ୟ ବଚନିକା ନ ଥାଏ । ଭାଗବତର ଗୀତ ସହିତ ଅଭିନୟ ପରେ ଅଭିନେତା ଜଣକ ଦର୍ଶକମାନଙ୍କ ପାଇଁ ଏହାକୁ ବ୍ୟାଖ୍ୟା କରିଥାନ୍ତି । ଭବାଇରେ ସଙ୍ଗୀତାଂଶତକ ପାରମ୍ପରିକ ରଚନାରୁ ସଂଗୃହୀତ ହେଉଥିବା ସ୍ଥଳେ ଗଦ୍ୟ ବଚନିକାର ଦାୟିତ୍ୱ ହେଉଛି, ଅଭିନେତା ନିଜ ମନରୁ ହିଁ ବୁଝିଥିବା କଥାକୁ ସୁନ୍ଦର ଭାବରେ ପରିବେଷଣ କରିଥାନ୍ତି । ପାଲା, ଦାସକାଠିଆ ଓ ତରଜା ପ୍ରଭୃତି ମଧ୍ୟ ଏହି ଧରଣରେ ପରିବେଷିତ ହୋଇଥାଏ । ଲୋକନାଟକରେ କୌଣସି ମଞ୍ଚୋପକରଣ ବ୍ୟବହାର ନାହିଁ କି ଦୃଶ୍ୟ ସଜ୍ଜା ମଧ୍ୟ ନାହିଁ । ସେଥିପାଇଁ ଅଭିନେତାଙ୍କୁ ଆଙ୍ଗିକ ଅଭିନୟ ଉପରେ ହିଁ ନିର୍ଭର କରିବାକୁ ପଡ଼ିଥାଏ । ଏହାର ମଞ୍ଚ ବ୍ୟବସ୍ଥା, ଅଭିନୟ, ସଂଳାପ ପ୍ରୟୋଗ ରୀତି, ବେଶପୋଷାକ ଓ ରୂପ ସଜ୍ଜା, ନୃତ୍ୟ ସଙ୍ଗୀତ ଓ ବାଦ୍ୟ ପ୍ରଭୃତି ଲୋକରୁଚି ଓ ସ୍ଥାନୀୟ ପ୍ରୟୋଜନକୁ ଆଖି ଆଗରେ ରଖି କରାଯାଏ। ସର୍ବ ମାନ୍ୟତା, ସାଂସ୍କୃତିକ ଉପଯୋଗିତା, ଅନ୍ନ ଦାନଶକ୍ତି, ଯୌକ୍ତିକତା, ନମନୀୟତା, ବାର୍ତ୍ତା ପ୍ରଚାର କ୍ଷମତା ପ୍ରଭୃତି ଏହାର ବହୁଗୁଣ ରହିଛି ।


## ନାଟକର ଶୈଳୀ

ସମାଜର ଶକ୍ତିଶାଳୀ ଶତ୍ରୁ ବିରୁଦ୍ଧରେ ଅତି ସହଜରେ ଓ ସରଳ ଭାବରେ ସ୍ୱର ଉତ୍ତୋଳନ କରି ମୂଲ୍ୟବୋଧର ପ୍ରଚାର କରିବା ହେଉଛି ଯାତ୍ରାର ପ୍ରଧାନ ଧର୍ମ । ଅନ୍ୟାୟ ଉପରେ ନ୍ୟାୟର ବିଜୟ ପ୍ରତିଷ୍ଠା ହିଁ ହେଉଛି ଲୋକନାଟକର ଦର୍ଶନ। ଏହା ମୁଖ୍ୟତଃ ଆବେଗ ପ୍ରଧାନ । ଆବେଗ ଓ ବୌଦ୍ଧିକତା ଅଙ୍ଗାଙ୍ଗୀ ଜଡ଼ିତ ହୋଇଥିବାରୁ ଉଭୟର ସ୍ଥିତି ଲୋକନାଟକ ପାଇଁ ଅପରିହାର୍ଯ୍ୟ। ଜୟଦେବଙ୍କ ସମୟରେ ଓଡ଼ିଶାରେ ଭ୍ରାମ୍ୟମାଣ ଲୋକନାଟ୍ୟ ଶିଳ୍ପୀ ଗୋଷ୍ଠୀ ସ୍ଥାନୀୟ ଭାଷାରେ ନୃତ୍ୟଗୀତ ପ୍ରଦର୍ଶନ କରି ବୁଲୁଥିବାର ସୂଚନା ମିଳେ। ତାଙ୍କର ବହୁ ପୂର୍ବରୁ ରଚିତ 'ଚର୍ଯ୍ୟାଗୀତି'ରେ ମଧ୍ୟ ଏହାର ସୂଚନା ରହିଛି । "ତାନ୍ତୀ ବିକଲା ଡୋମ୍ବୀ ଅବରନା ଟା ଙ୍ଗେଡା/ ତୋହର ଅନ୍ତରେ ଛାଡ଼ି ନଡ଼ପେଡ଼ା –(ପଦ -୧୦) ।" ନଡ଼ପେଡ଼ା ବା ନଟପେଟିକା ହେଉଛି କଳାକାରମାନଙ୍କର ବେଶପୋଷାକ ରଖିବାର ପେଡ଼ି । ଯାହାକୁ ସେମାନେ ଯାତ୍ରା କାଳରେ ନିଜେ ନେଇ କରି ଯାଇଥାନ୍ତି । ଅନୈକ୍ୟ ମଧ୍ୟରେ ଐକ୍ୟ ସୃଷ୍ଟି କରି, ଯାତ୍ରା ବିଶାଳ ଭାରତର ବିଭିନ୍ନ ଅଞ୍ଚଳ ମଧ୍ୟରେ ଭାଗବତ ସଂହତି ସୃଷ୍ଟି କରି ଏକ ଅପ୍ରତିଦ୍ୱନ୍ଦ୍ୱୀ ଭୂମିକା ଗ୍ରହଣ କରିଅଛି ।




## ଓଡ଼ିଆ ଯାତ୍ରା ନାଟକର ଭୂୟୋବିକାଶ


ମଞ୍ଚ ନାଟକ ପରିବେଷଣ ଦ୍ୱାରା ଲୋକନାଟକର କିଛି ଦିଗ ମଧ୍ୟ ପରିବର୍ତ୍ତନ ଘଟିଥିଲା । ଯେପରିକି ପୂର୍ବରୁ ଲୋକନାଟକର ବିଷୟବସ୍ତୁ ଯୋଜନା ପ୍ରତି ଏତେ ସତର୍କ ଦୃଷ୍ଟି ଦିଆଯାଉ ନ ଥିବାରୁ ପରିକଳ୍ପନା ଅତ୍ୟନ୍ତ ଦୁର୍ବଳ ହୋଇଯାଉଥିଲା। ମଧୁର ସଙ୍ଗୀତ ଦ୍ୱାରା ଅବଶ୍ୟ ତାହା ସେତେଟା ଜଣା ପଡୁ ନ ଥିଲା । ତଥାପି କଥାବସ୍ତୁକୁ ଅଧିକ ସାବଲୀଳ, ଏକମୁଖୀ ତଥା ରସାଳ କରିବାକୁ ହେଲେ ଏଥିରେ ଉପ କଥାବସ୍ତୁର ପ୍ରୟୋଗ ଯେ ଏକାନ୍ତ ଅପରିହାର୍ଯ୍ୟ ତାହା ଲୋକନାଟ୍ୟକାରମାନେ ମଞ୍ଚ ନାଟ୍ୟକାରମାନଙ୍କଠାରୁ ଶିକ୍ଷା କରିଥିଲେ । ଫଳରେ ଲୋକନାଟକ ବେଶି ଲୋକାଦୃତ ହୋଇପାରିଥିଲା। ବିଂଶ ଶତାବ୍ଦୀର ତୃତୀୟ ଚତୁର୍ଥ ଦଶକରେ ପାଶ୍ଚାତ୍ୟ ଶିକ୍ଷାପ୍ରାପ୍ତ କେତେକ ନାଟ୍ୟକାର ଯାତ୍ରା ନାଟକ ରଚନା କରିଥିଲେ । ଯଥା – କୃଷ୍ଣ ପ୍ରସାଦ ବସୁ, କାଳୀଚରଣ ପଟ୍ଟନାୟକ, ଲକ୍ଷ୍ମୀକାନ୍ତ ମହାପାତ୍ର, ଗୋବିନ୍ଦ ଶୂରଦେଓ ଓ କବି ବୈଷ୍ଣବ ପାଣି ପ୍ରମୁଖ ଅଟନ୍ତି । ଏମାନଙ୍କ ମଧ୍ୟରୁ କାଳୀଚରଣ ପଟ୍ଟନାୟକ ଏ କ୍ଷେତ୍ରରେ ବେଶ୍ ସଫଳତା ଲାଭ କରିଥିଲେ, ତାହା ପୁଣି ଆଧୁନିକ ମଞ୍ଚ ନାଟକ ରଚନାରେ। ମାତ୍ର କୃଷ୍ଣ ପ୍ରସାଦ ଯାତ୍ରାକୁ 'ବିରଜା ଅପେରା' ନାଟ୍ୟଦଳର ପ୍ରତିଷ୍ଠା କରି ଅଭିନୟ ଚାଲୁ ରଖିଥିଲେ। ବୈଷ୍ଣବ ପାଣି ଏ କ୍ଷେତ୍ରରେ ଅନନ୍ୟ ଥିଲେ। ସେତେବେଳେ ସେ ପୌରାଣିକ, ଐତିହାସିକ, କିମ୍ବଦନ୍ତୀ ଓ ଲୋକକଥାମୂଳକ କାଳ୍ପନିକ ଓ ସାମାଜିକ ବିଷୟ ଆଧାରିତ ଗୀତିନାଟ୍ୟମାନ ରଚନା କରି ଅଜସ୍ର ସମ୍ମାନର ଅଧିକାରୀ ହୋଇଥିଲେ। ଏମାନଙ୍କ ବ୍ୟତୀତ ବାଳକୃଷ୍ଣ ମହାନ୍ତି, ଦୟାନିଧି ସ୍ୱାଇଁ ଯାତ୍ରା ନାଟକରେ ଗଦ୍ୟ ବଚନିକାର ପରିମାଣକୁ ବଢ଼ାଇ ଦେଇ, ଏଥିରେ ସଂସ୍କାର ଆଣିବାକୁ ଚେଷ୍ଟା କଲେ। ଫଳରେ ମଞ୍ଚ ନାଟକ ଓ ଯାତ୍ରା ନାଟକରେ କୌଣସି ପ୍ରଭେଦ ରହିଲା ନାହିଁ । ଚଳିତ ଶତକର ଦ୍ୱିତୀୟ ଦଶକରେ ଗୀତିନାଟ୍ୟ ଗୀତାଭିନୟ ଆସ୍ତେ ଆସ୍ତେ ଗଦ୍ୟ ବଚନିକାର ପରିମାଣକୁ ବଢ଼ାଇ ମଞ୍ଚ ନାଟକ ଭଳି ପରିବେଷିତ ହେଲା । ୧୯୬୦ ମସିହା ବେଳକୁ ଯାତ୍ରା ନାଟକରେ ଭିନ୍ନ ଏକ ମୋଡ଼ ଆସିଥିଲା। ଏହି ସମୟରେ ଗୋପାଳ ଛୋଟରାୟଙ୍କର 'ରଙ୍ଗସଭା' ଯାତ୍ରା ନାଟକର ବେତାର ରୂପ ପ୍ରସାର ହେବା ପରେ ତାହା ଅପୂର୍ବ ସଫଳତା ପାଇଥିଲା ।
















## ଓଡ଼ିଆ ଯାତ୍ରା ନାଟକର ଅବସ୍ଥିତି

ଯାତ୍ରା ନାଟକ ଅଶ୍ଳୀଳତା ଦୋଷଦୁଷ୍ଟ। ଯାତ୍ରାକାର, ଅଭିନେତାମାନଙ୍କର ତାଳ ଲୟ ଜ୍ଞାନ ଓ ସାଙ୍ଗୀତିକ ପ୍ରତିଭା ଅତ୍ୟନ୍ତ ଦୟନୀୟ । ଯାତ୍ରା ନାଟକରେ କୌଣସି ସୁରୁଚି ସମ୍ମତ ନିୟମ ପାଳନ କରାଯାଏ ନାହିଁ । ଏଥିରେ ନିଶ୍ଚିତ ଭାବରେ କେତେକ ପରିମାଣରେ ସତ୍ୟତା ରହିଛି । ଉନବିଂଶ ଶତାବ୍ଦୀର ଶେଷ ଭାଗ ଓ ବିଂଶ ଶତାବ୍ଦୀର ପ୍ରାରମ୍ଭରେ ବାମଣ୍ଡାର ଯାତ୍ରା ଦଳ ଓଡ଼ିଶାର ଅନ୍ୟ ପ୍ରାନ୍ତର ଯାତ୍ରା ଦଳର ପ୍ରାୟ ସମକକ୍ଷ ଥିଲେ। ନାରାୟଣ ଚନ୍ଦ୍ର ଦାସଙ୍କର ବହୁ ଯାତ୍ରା ନାଟକ ୧୯୧୨ ମସିହା ପୂର୍ବରୁ ବାମଣ୍ଡାରୁ ହିଁ ଆରମ୍ଭ ହୋଇଛି। କବିବର ରାଧାନାଥ ରାୟଙ୍କ 'ଉଷା', 'ଯଯାତି କେଶରୀ', 'ଚନ୍ଦ୍ରଭାଗା', 'ନନ୍ଦିକେଶ୍ୱରୀ', ସଚ୍ଚିଦାନନ୍ଦଙ୍କର 'ମାୟା ଶବରୀ' ପ୍ରଭୃତି ବଳିଷ୍ଠ ଯାତ୍ରା ନାଟକ।

## ଓଡ଼ିଆ ଯାତ୍ରାର ପରିବର୍ତ୍ତନ

ଉନବିଂଶ ଶତକରେ ଓଡ଼ିଆ ଯାତ୍ରାର ପରିବର୍ତ୍ତନ ଘଟିଲା । ଗୋପାଳ ଦାସ (୧୮୧୯-୧୮୫୯) ସେ ସମୟର ଯାତ୍ରାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଆଦ୍ୟ ଯୌବନରେ ସେ ଗ୍ରାସାଚ୍ଛାଦନର ଉପାୟ ଅନ୍ୱେଷଣରେ କଲିକତାରେ ପହଞ୍ଚି କେଉଁ ଭଳି ଜଣେ ଫେରିବାଲାରୁ ରାଧାମୋହନ ସରକାରଙ୍କ ଯାତ୍ରାଦଳ ସହିତ ସମ୍ପୃକ୍ତ ହୋଇ ପଡ଼ିଲେ, ସେ ଏକ କିମ୍ବଦନ୍ତୀ । ଗୋପାଳ ଦାସ ନିଜ ସାଥିରେ କଳାର ଦେଶ ଉତ୍କଳର ନାଟ୍ୟାନୁରାଗର ଏକ ବଳିଷ୍ଠ ପରମ୍ପରାକୁ ଡେଇଁ ଯାଇ ପଡ଼ୋଶୀ ଦେଶରେ ପରିଚିତ କରାଇ ଯାତ୍ରାକୁ ସମୃଦ୍ଧ କରାଇଥିଲେ। ବଙ୍ଗଳା ଦେଶର ବିଦ୍ୟାସୁନ୍ଦର ଯାତ୍ରାକୁ ନୂତନ ରୂପରେ ଉପସ୍ଥାପିତ କରି କୋଟିଜନତାର ହୃଦୟକୁ ଜୟକରି ବଙ୍ଗ ଦେଶର ନବନାଟ୍ୟ ଧାରାର ପଥିକୃତ ହେବା କଥା ବଙ୍ଗଳା ନାଟ୍ୟ ସାହିତ୍ୟ ଇତିହାସରେ ଲିପିବଦ୍ଧ ରହିଛି ।






## ଓଡ଼ିଆ ଜାତିର ପରିଚୟ




ଯାତ୍ରା ମାଧ୍ୟମରେ ଓଡ଼ିଆ ଜାତିର ଯେଉଁ ପରିଚୟ ମିଳେ, ତହିଁରୁ ସେମାନଙ୍କର ସହନଶୀଳତା, ଧୈର୍ଯ୍ୟଶୀଳତା, ଉଦାରତା, ଆଧ୍ୟାତ୍ମିକତା ଓ ସର୍ବୋପରି ରସିକତାର ସୁବିସ୍ତୃତ ପରିଚୟ ମିଳେ। ଯାତ୍ରା ନାଟକ ସୃଷ୍ଟି ଲଗ୍ନରୁ ହିଁ ଲୋକଶିକ୍ଷାକୁ ନିଜର ଲକ୍ଷ୍ୟ ରୂପରେ ଗ୍ରହଣ କରି ନେଇଥିଲା। ମନୋରଞ୍ଜନ ଏହାର ପ୍ରଧାନ ଲକ୍ଷ୍ୟ ହେଲେ ହେଁ ଏହା ମାଧ୍ୟମରେ ଜାତୀୟ ଚରିତ୍ରର ଦୋଷତ୍ରୁଟି ସମ୍ପର୍କରେ ଦର୍ଶକମାନଙ୍କୁ ସମ୍ୟକ ସୂଚନା ଦେଇ ଏକ ଦୋଷଶୂନ୍ୟ ସମାଜ ଗଠନର ଉଦ୍ୟମ କରାଯାଇଥାଏ। ସାର୍ଥକ ଯାତ୍ରା ନାଟକରେ ଯୁଗୀୟ ପ୍ରବୃତ୍ତିର ଯଥାର୍ଥ ରୂପ ପ୍ରକଟିତ ହୋଇଥାଏ। ଗ୍ରାମୀଣ ଶୈଳୀ ଓ ପଲ୍ଲୀ ଜନତାର ଭାଷା ଏ ଉଭୟ ତାହାକୁ ଦର୍ଶକମାନଙ୍କର ଅତି ନିକକଟକୁ ନେଇଯାଏ।







## ଓଡ଼ିଆ ଯାତ୍ରାର ସ୍ରଷ୍ଟା ଓ ସୃଷ୍ଟି

ଊନବିଂଶ ଶତକର ଚତୁର୍ଥ ଦଶକରେ ମେଦିନୀପୁରର କୃପାସିନ୍ଧୁ ମିଶ୍ର ବହୁ ଯାତ୍ରା ନାଟକର ରଚୟିତା ଥିଲେ । ୧୮୩୨ ମସିହାରେ ତାଙ୍କର ଜନ୍ମ । ସେ ୧୮୪୮ରେ ପ୍ରଥମ ନାଟକ ସେ ଲେଖିଥିଲେ । 'ଲଳିତା ହରଣ', 'ସରଳା ହରଣ', 'ଚନ୍ଦ୍ରାବତୀ ହରଣ', 'ବାଗାମ୍ବର', 'ମନୋହର ଫାସ୍ୟାରୀ' ପ୍ରଭୃତି ନାଟକ ତାଙ୍କ ଅଞ୍ଚଳରେ ଲୋକପ୍ରିୟତା ପାଇଥିଲା। ତାଙ୍କ ପରେ ଯାତ୍ରାକାର ହେଉଛନ୍ତି ଭଦ୍ରକ ଜିଲ୍ଲାର ଜଗନ୍ନାଥ ପାଣି (୧୮୩୬ -୯୭) । ତାଙ୍କ ରଚିତ 'ସୁଭଦ୍ରା ପରିଣୟ', 'ହାରାବତୀ ହରଣ','ଉଷାବତୀ ହରଣ', 'ମହୀରାବଣ ବଧ', 'ଦକ୍ଷ ଯଜ୍ଞ', 'କପଟପଶା' ଓ 'ପାରିଜାତ ହରଣ' ପ୍ରଭୃତି ଗୀତାଭିନୟ ବେଶ୍ ଲୋକପ୍ରିୟ । ପଟ୍ଟାମୁଣ୍ଡାଇ ଅନ୍ତର୍ଗତ ପଳସିଂହା ଗ୍ରାମର ଗୋପାଳ ଦାଶ (୧୮୭୬ -୧୮୩୮) ହେଉଛନ୍ତି ଏହି ସମୟର ଜଣେ ଲୋକପ୍ରିୟ ଯାତ୍ରାକାର। ତାଙ୍କ ରଚନା ମଧ୍ୟରେ ରହିଛି 'କାଞ୍ଚି କାବେରୀ', 'ସାବିତ୍ରୀ ସତ୍ୟବାନ', 'ଜାନୁଲଗ୍ନ', 'ରୁକ୍ମିଣୀ ବିବାହ', 'କର୍ଣ୍ଣବଧ', 'ସହସ୍ରାରାବଣ' ଯାତ୍ରା ନାଟକ। କୋଠପଦାର ବୈଷ୍ଣବ ପାଣି (୧୮୮୯-୧୯୫୬)ଓଡ଼ିଆ ଯାତ୍ରାର ଆଧୁନିକୀକରଣ ତଥା ଘଟ ପରିବର୍ତ୍ତନରେ ବିଶେଷ ଭୂମିକା ଗ୍ରହଣ କରିଛନ୍ତି । 'ମେଘନାଦ ବଧ', 'ପ୍ରହ୍ଲାଦ ଚରିତ', 'ନଳଦମୟନ୍ତୀ', 'କଳାପାହାଡ଼', 'ଯଯାତିକେଶରୀ' ପ୍ରଭୃତିଏକାଧିକ ଗୀତିନାଟ୍ୟ ରଚନା କରିଛନ୍ତି। ସରଳ ଭାଷା, ସୁଲଳିତ ସଙ୍ଗୀତ ଓ ପ୍ରଚଣ୍ଡ ସ୍ୱାଭିମାନ - ଏହି ତିନୋଟି ଶକ୍ତିକୁ ନେଇ ତାଙ୍କ ଲେଖା ଋଦ୍ଧିମନ୍ତ ଓ ବଳିଷ୍ଠ ହୋଇପାରିଛି। ଜଗତସିଂହପୁରର ପଳାଶୋଳ ଗ୍ରାମର ବାଳକୃଷ୍ଣ ମହାନ୍ତି (୧୯୦୦ -୫୮) । ୧୯୨୧ ମସିହାରେ ସେ ଏକ ଯାତ୍ରା ଦଳ 'ବିଜୟ ବସନ୍ତ'ର ଅଭିନୟ କରାଇ ଦର୍ଶକଙ୍କ ଚିତ୍ତକୁ ଜୟ କରିଥିଲେ ।

ବିଶ୍ୱାସଯୋଗ୍ୟ ପାତ୍ରପାତ୍ରୀ, ସର୍ବଜନବୋଧ ଭାଷା, ସୁଶ୍ରାବ୍ୟ ସଙ୍ଗୀତ, ବଳିଷ୍ଠ କାହାଣୀ, ରସ ପରିବେଷଣରେ ପରିମିତି, ସମସ୍ୟା ସଚେତନତା – ଏସବୁ ହେଉଛି ଯାତ୍ରା କଳାକାରଙ୍କ ସଫଳତା ଭିତ୍ତି। ଏମାନଙ୍କ ବ୍ୟତୀତ ଭିକାରି ନାୟକ, ମାଗୁଣି ଦାସ, ଦୁଷ୍କର, ପଦ୍ମନାଭ ଓ ଜଗୁ ଦାସ ପ୍ରମୁଖ ଯାତ୍ରା କଳାକାରମାନେ ଯାତ୍ରା ନାଟକ ରଚନା କରୁଥିବାର ବୈଷ୍ଣବ ପାଣି ତାଙ୍କ ରଚିତ 'ଗୋବିନ୍ଦ ଚନ୍ଦ୍ର' ଗୀତାଭିନୟରେ ସୂଚନା ଦେଇଛନ୍ତି । ସେ ସମୟରେ ଭିକାରି ନାୟକଙ୍କ ରଚିତ 'ଚନ୍ଦ୍ରାବତୀ ହରଣ' ଓ ବନ୍ଧୁ ନାୟକଙ୍କ ରଚିତ 'କପଟପାଶା' ଯାତ୍ରା ଜଗତରେ ବେଶ୍ ପ୍ରଭାବ ପକାଇପାରିଥିଲା ।

## ଯାତ୍ରା ମଞ୍ଚରେ ଆଧୁନିକତାର ନିଦର୍ଶନ

ସାମ୍ପ୍ରତିକ କାଳରେ ଓଡ଼ିଶାରେ ମଞ୍ଚ ପ୍ରଦର୍ଶନ ସାଧାରଣତଃ ଦୁଇଟି ଭାଗରେ ଅନୁସୃତ ହୁଏ। ୧. ବ୍ୟବସାୟୀ ମଞ୍ଚ । ୨. ସୌଖୀନ ମଞ୍ଚ । ବ୍ୟବସାୟୀ ମଞ୍ଚ ସାଧାତଣତଃ ପାରମ୍ପରିକ ଶୈଳୀକୁ ଗ୍ରହଣ କରି ନେଇ ନାଟକ ପ୍ରଦର୍ଶନ କରୁଛି । କାରଣ ତା' ସମ୍ମୁଖରେ ଥିବା ଦର୍ଶକ ମଣ୍ଡଳୀ, ମୁଖ୍ୟତଃ ଆମୋଦ ହେଉଛି ସେମାନଙ୍କର ମୂଳଲକ୍ଷ୍ୟ। ଯାତ୍ରା ମଞ୍ଚରେ ସେମାନଙ୍କର ସେତିକି ମାତ୍ର ପ୍ରତ୍ୟାଶା ରହୁଛି । କିଛି ଆଦର୍ଶ, ଜୀବନର ସାମାନ୍ୟ ବାସ୍ତବ ଦିଗ, ସମାଜର ରଜ୍ଜୁ, ସରଳ ରୂପ ପ୍ରଭୃତି ସେମାନେ ମଞ୍ଚରେ ଦେଖିବାକୁ ଆଶା କରନ୍ତି । ନାଟକ କ୍ଷେତ୍ରରେ ଏହି କାରଣରୁ ହିଁ ଅତି ନାଟକ ଆମ୍ ପ୍ରକାଶ କରୁଛି । ବ୍ୟବସାୟୀ ଯାତ୍ରା ମଞ୍ଚ ବକ୍ସ ଅଫିସ ସଫଳତା ପାଇଁ ସାଧାରଣ ଦର୍ଶକଙ୍କୁ ସନ୍ତୁଷ୍ଟ କରିବା ନିମନ୍ତେ କିଛି ଶସ୍ତା ଲୋକପ୍ରିୟ ଦୃଶ୍ୟ ଆମଦାନୀ କରି ଚାଲିଛି । ଖୋଲାଖୋଲି ଅଙ୍ଗ ପ୍ରଦର୍ଶନ କରିବା, ମେଲୋଡି ଶୋ' ଆଦିର ପ୍ରଚାର ପ୍ରସାର ସିନେମା ଜଗତରୁ ଯାତ୍ରା ଜଗତ ପର୍ଯ୍ୟନ୍ତ ପ୍ରସାରିତ ହୋଇଗଲାଣି । ଏବେ ତ ଦୂରଦର୍ଶନ ନାଟକକୁ ଶୟନ କକ୍ଷ ଯାଏ ନେଇ ଆସିଲାଣି ଫଳରେ ଦର୍ଶକ ବାହାରକୁ ଯାଇ ମଞ୍ଚ ନାଟକ ଦେଖିବାର ସେତେଟା ଆଗ୍ରହ ରଖିପାରୁ ନାହାନ୍ତି । ଏ ଦୃଷ୍ଟିରୁ ସୌଖୀନ ମଞ୍ଚ ନାଟକ ଅପେକ୍ଷାକୃତ ଭଲ କହିହେବ । ପ୍ରଦର୍ଶନ ସମୟରେ କୌଣସି ଆର୍ଥିକ ପ୍ରତ୍ୟାଶା ଏଥିରେ ରହେ ନାହିଁ । ତେଣୁ ସେମାନେ ଇଚ୍ଛାନୁସାରେ ନାନା ପ୍ରକାର ପରୀକ୍ଷା କରି ଦର୍ଶକଙ୍କୁ ଭିନ୍ନ ଭିନ୍ନ କାହାଣୀ ଭେଟି ଦେଇଥାନ୍ତି । ବିଭିନ୍ନ ପ୍ରକାର ପଥପ୍ରାନ୍ତ ନାଟକ ଏହାର ଏକ ପ୍ରସାରିତ ରୂପ । 'ତଟନିରଞ୍ଜନା', 'ସବା ଶେଷଲୋକ', 'ଜଣେ ରାଜାଥିଲେ', 'ମୁଖ୍ୟ ଅତିଥି', 'ଶବବାହକମାନେ', 'ମୃଗୟା', 'ଅରଣ୍ୟ ଫସଲ', 'ଅଥଚ ଚାଣକ୍ୟ', 'ବାଦଶାହା' ଭଳି ସ୍ମରଣୀୟ ନାଟକ ଆଜି ବି ଦର୍ଶକଙ୍କୁ ଆକର୍ଷିତ କରିଆସୁଛି।







ଯାତ୍ରା ପ୍ରଦର୍ଶିତ କାହାଣୀ ଏକ ବିନୋଦନ ଶିଳ୍ପ ହୋଇଥିବାରୁ ମଣିଷ ସହିତ ତା'ର ସଂଯୋଗ ରହିବା ସ୍ୱାଭାବିକ । ନାଟକ ଯଦି ନିଜକୁ ଜାଣିବାରେ ଆମକୁ ସାହାଯ୍ୟ କରି ନ ପାରେ ତେବେ ତାହା କଦାପି ମହତ ଶିଳ୍ପ ପର୍ଯ୍ୟାୟଭୁକ୍ତ ହୋଇ ନ ପାରେ । ମଣିଷ ଭିତରେ ଯେ ଦେବତା ଲୁଚି ରହିଥାଏ, ତାକୁ ଆବିଷ୍କାର କରିବା ହେଉଛି ନାଟକର ଲକ୍ଷ୍ୟ। ମଣିଷ ପଶୁ ନୁହେଁ କି ଈଶ୍ୱର ମଧ୍ୟ ନୁହେଁ । ଦେବତ୍ୱ ଓ ପଶୁତ୍ୱର ସମନ୍ୱୟରେ ଯେଉଁ ଜୀବଟି ତିଆରି ସେଇ ହେଉଛି ମଣିଷ । ରାଜ୍ୟ ବଦଳେ, ରାଜତ୍ୱ ବଦଳେ, ଯୁଗ ବଦଳେ, ରୁଚି ବଦଳେ, କିନ୍ତୁ ରସଭାଷ୍ୟର ଆବେଦନ ଅବିନଶ୍ୱର । ତେଣୁ ଭିନ୍ନ ପରମ୍ପରା ସୃଷ୍ଟି ହେଉ ମାତ୍ର ସେଥିରେ ଶାଳୀନତା ରହୁ । ଆତ୍ମୀୟତା ରହୁ । ଶୃଙ୍ଖଳାବୋଧ ପ୍ରଦର୍ଶିତ ହେଉ । ଏକ ସୁସ୍ଥ ସମାଜ ଗଠନ ଦିଗରେ ନାଟକର ଭୂମିକା ଯେପରି ରହିଆସିଥିଲା ଆଜିବି ରହିଛି । କେଉଁଠି ନା କେଉଁଠି ଦର୍ଶକଙ୍କ ରୁଚିକୁ ଧ୍ୟାନ ଦେଉ ଦେଉ ମୂଳ ଲକ୍ଷ୍ୟ ଅପସରି ନ ଯାଉ । ଆଗାମୀ ପିଢ଼ି ପାଇଁ ଏହା ପ୍ରେରଣାଦାୟୀ ହେଉ । ପରିଶେଷରେ ଏ ଜାତିର ଅତୀତ ପରମ୍ପରାକୁ ନେଇ ଆମର ପରିଚୟ ସୃଷ୍ଟି ହୁଏ । ଯଦିଓ ବର୍ତ୍ତମାନ ସ୍ଥିତିରେ ଯାତ୍ରା ନାଟକର ବହୁଳ ପ୍ରଚାର ପ୍ରସାର ରହି ନାହିଁ, ତଥାପି ତା'ର ସ୍ୱାଭିମାନ ଆଜି ବି ମର୍ମେ ମର୍ମେ ଅନୁଭବ ହୁଏ । ଦରଦୀ ପାଠକ ହୁଅନ୍ତୁ ଅବା ଯାତ୍ରାକୁ ଭଲ ପାଉଥିବା ଦର୍ଶକ ଏହା ନିଶ୍ଚୟ ଅନୁଭବ କରୁଥିବେ । ମୋଟାମୋଟି ଭାବରେ ଏହା ହିଁ ଏକ ଓଡ଼ିଆ ଯାତ୍ରା ନାଟ୍ୟର ବିକାଶଧାରାର ସଂକ୍ଷିପ୍ତ ରୂପ। ଦର୍ଶକଙ୍କ ରୁଚି ପରିବର୍ତ୍ତିତ ହୋଇଛି ସେହି ଅନୁସାରେ ଯାତ୍ରାର ଶୈଳୀର ପରିବର୍ତ୍ତନ ଘଟିଛି ହେଲେ ଆଜିବି ତା'ର ଗରିମା ରହିଛି। ଆଗାମୀ ଦିନରେ ମଧ୍ୟ ରହିବ ଏହା ହିଁ ଆଶା କରିବାର କଥା । ■

ସହଯୋଗୀ ଗବେଷିକା
ପୂର୍ବାଞ୍ଚଳ ଭାଷାକେନ୍ଦ୍ର, ଲକ୍ଷ୍ମୀସାଗର
ଭୁବନେଶ୍ୱର -୭୫୧୦୦୬, ମୋ: ୮୨୪୯୮୭୪୬୦୮

# ଯାତ୍ରା ପ୍ରାଚୀନରୁ ସାଂପ୍ରତିକ







ଜିତୁ ପ୍ରଧାନ



**ବର୍ତ୍ତମାନ ଯାତ୍ରା କହିଲେ, ଯାହା ବୁଝିବାକୁ ହେଉଛି ଏବଂ ଯେଉଁ ଅର୍ଥରେ ବୁଝାଯାଉଛି ତା'ର ପ୍ରାଚୀନ ଅର୍ଥ ସମ୍ପୂର୍ଣ୍ଣ ଭାବରେ ଭିନ୍ନ ଥିଲା । ଅବଶ୍ୟ ଏହା ସ୍ୱୀକାର କରାଯାଇପାରେ ଯେ, ପ୍ରାଚୀନ ଯାତ୍ରା ସହ ଆଧୁନିକ ଯାତ୍ରାର ସମ୍ପର୍କ ଛିନ୍ନ ହୋଇନାହିଁ । ନାଟ୍ୟ ଅଭିନୟରେ 'ଯାତ୍ରା' ଶବ୍ଦଟି ଓଡ଼ିଆ ଏବଂ ବଙ୍ଗଳାରେ ପ୍ରାୟତଃ ଲକ୍ଷ୍ୟ କରାଯାଏ । ଏହି ଯାତ୍ରାର ସାଧାରଣ ଅର୍ଥଗୁଡ଼ିକ :- ଗମନ କରିବା, ମେଳା ବା ମହୋତ୍ସବ, ଯାପନ ବା ନିର୍ବାହ କରିବା, ଅଭିନୟ ବା ନାଟ୍ୟ ଅନୁଷ୍ଠାନ ଆଦି ପାଇଁ ପ୍ରୟୋଗ ହୁଏ ।**

## ଯାତ୍ରା ଇତିହାସ

ପୂର୍ବେ ଯାତ୍ରା କହିଲେ ଦେବଦେବୀଙ୍କ ଉତ୍ସବ ଅର୍ଥାତ୍ ରଥଯାତ୍ରା, ଚନ୍ଦନଯାତ୍ରା ଆଦିକୁ ବୁଝାଉଥିଲା । ଓଡ଼ିଶାରେ ଅଧିକାଂଶ ଲୋକନାଟକ ଧର୍ମୀୟ ଚେତନାରୁ ଜନ୍ମଲାଭ କରିଥିବାରୁ ଯାତ୍ରାର ପ୍ରାଥମିକସ୍ତରର ସହ ଧର୍ମୀୟ ମାନସିକତା ମଧ୍ୟ ଯୋଡ଼ି ହୋଇ ରହିଥିଲା । ଊନବିଂଶ ଶତାବ୍ଦୀ କାଳରୁ ନାଟକ ଅଭିନୟ କ୍ଷେତ୍ରରେ ଯାତ୍ରା କଥାଟି ପ୍ରୟୋଗ ଓ ବ୍ୟବହୃତ ହୋଇଥିବା ତତ୍କାଳୀନ 'ଉତ୍କଳଦୀପିକା', 'ସମ୍ବାଦବାହିକା' ଆଦି ପତ୍ରିକାରୁ ଜଣାଯାଇଥାଏ । ଯାତ୍ରା ପ୍ରଥମେ ଗୀତପ୍ରଧାନ ଓ ପରେ ଅଭିନୟ ପ୍ରଧାନ ହୋଇ ଏକ ସମୟରେ ଗୀତ ଓ ଅଭିନୟର ଯୁଗଳବନ୍ଦୀ ହେଲା ।

ବିଂଶ ଶତାବ୍ଦୀର ଚତୁର୍ଥ ଦଶକ ପାଖାପାଖି ସମୟରେ ବୈଷ୍ଣବ ପାଣି, କାଳୀଚରଣ ପଟ୍ଟନାୟକ, ଗୋପାଳ ଦାସ ପ୍ରମୁଖ ନାଟ୍ୟକାରଗଣ, ଲୋକ ରୁଚିସମ୍ପନ୍ନ ନାଟକ ରଚନା କରି ଯାତ୍ରାର ପରମ୍ପରାକୁ ସୁଦୃଢ଼ କରିଥିଲେ । ଏହି ସମୟରେ ଲୀଳା, ରାହାସ, ଗୀତିନାଟ୍ୟ ଆଦି ଯାତ୍ରା ଦଳଭାବରେ ପରିଚୟ ତିଆରି କରି ପାରିଥିଲା । ବୈଷ୍ଣବ ପାଣି ଯାତ୍ରାଦଳ, କାଳୀଚରଣଙ୍କ ରାସ ଦଳ ଇତ୍ୟାଦି ସମକାଳରେ ଯାତ୍ରା ଭାବରେ ନାମିତ ହୋଇପାରିଲା ।

ବିଂଶ ଶତାବ୍ଦୀର ଷାଠିଏ ଦଶକ ବେଳକୁ ପୂର୍ବ ଯାତ୍ରା ନିଜର ରୂପ ସମ୍ପୂର୍ଣ୍ଣ ମାତ୍ରାରେ ବଦଳାଇ ଦେଲା । ଦୃଶ୍ୟ-ଧର୍ମ, ଶ୍ରବ୍ୟଧର୍ମଠାରୁ ଦୂରେଇ ଗଦ୍ୟ ସଂଳାପ ଓ ଅଭିନୟ ପ୍ରଧାନ ହୋଇ ଉଠିଲା । ଯାତ୍ରାର କଥାବସ୍ତୁ ପୌରାଣିକତା ଓ କାଳ୍ପନିକତାରୁ ଦୂରେଇ, ସାମାଜିକ କାହାଣୀକୁ ପ୍ରାଧାନ୍ୟ ଦେଇ ଯାତ୍ରାନାଟକ ରଚିତ ଓ ଅଭିନୀତ ହେଲା । ନାଟ୍ୟ ଅନୁଷ୍ଠାନଗୁଡ଼ିକର ନାମ ଯାତ୍ରା ଓ ଯାତ୍ରାଦଳ ପ୍ରତିବଦଳରେ ଗଣନାଟ୍ୟ, ଲୋକନାଟ୍ୟ ଓ ଅପେରା ଆଦି ଶବ୍ଦର ପ୍ରୟୋଗ ହେଲା ।

## ଯାତ୍ରା ନାଟକର ନାମକରଣ

ସମସ୍ତ ଅପେରା ନାଟକଗୁଡ଼ିକ ସାମାଜିକ ଓ ପାରିବାରିକ କଥାବସ୍ତୁକୁ ଗ୍ରହଣ କରି ଅଭିନୀତ ହୋଇଥାଏ । ତେଣୁ ଏହାର ନାମଗୁଡ଼ିକ ସାଧାରଣ ଦର୍ଶକଙ୍କ ହୃଦୟକୁ ଛୁଇଁବା ଭଳି ହୁଏ । ଅନେକ ନାଟକର ଚମତ୍କାରିତା ହିଁ ନାଟକର ବ୍ୟାବସାୟିକ ଦିଗକୁ ସୁଦୃଢ଼ କରିଥାଏ । ସାଧାରଣ ନାମକରଣ ଅପେକ୍ଷା ଯଦି ସେଥିରେ ସାହିତ୍ୟର ଛିଟା ଥାଏ ତାହା ସମସ୍ତଙ୍କୁ ଭଲ ଲାଗେ । ସେଗୁଡ଼ିକ ମଧ୍ୟରୁ 'ଝରଣା ଝୁରେ ସାଗର ପାଇଁ', 'ବାପର ଚଉକା ପୁଅର ଛକା', 'ମନ କଲିକତା ଦେହ ଓଡ଼ିଶା', 'ଓଏମ୍‌ପି ଛକର ଝିଅଟି କିଏ', 'କହଲୋ ବଉଳ କିଏ ତୋ ବର', 'ଦୁଃଖ ଦେଇଗଲା ଦରଦୀ ବନ୍ଧୁ', 'ଦେହ ବଜାର ନିଲାମ ହେବ', 'ଶାଗୁଣା ବସିଛି ଡେଣା ମେଲେଇ' ଆଦି ନାଟକ ଅନ୍ୟତମ । ଏସବୁ ଯାତ୍ରା ଅନୁଷ୍ଠାନ ଦ୍ୱାରା ଅଭିନୀତ ହୋଇଥିବା ନାଟକ । କଥିତ ଭାଷାରେ ଛୋଟ ଅପେରାଗୁଡ଼ିକକୁ ମାଲେଇ ପାର୍ଟି ବୋଲି କୁହାଯିବାର ଶୁଣାଯାଏ । 'ଧରମା ଧରିଛି ଧର୍ମ ନିକିତି', 'ଦେଇଗଲା ଦାଗ ଅଦିନ ମେଘ', 'ରାତି ପାହିବାକୁ ଅଳପ ବାକି', 'କିଏ ଭାଇ ବନ୍ଧୁ କିଏ କୁଟୁମ୍ବ' ଇତ୍ୟାଦି ଯାତ୍ରା ନାଟକର ନାମକରଣର ଚମତ୍କାରିତାକୁ ଦର୍ଶାଇଥାଏ । ଥିଏଟର ଓ ସୌଖୀନ ନାଟକ ଅପେକ୍ଷା ଯାତ୍ରା ନାଟକ ବହୁ ଦର୍ଶକଙ୍କୁ ଆକୃଷ୍ଟ କରୁଛି ।



## ଯାତ୍ରାର ଲୋକପ୍ରିୟତା

ସିନେମା, ଥିଏଟର ଯାତ୍ରା ଏସବୁ ମନୋରଞ୍ଜନର ଗୋଟିଏ ଗୋଟିଏ ମାଧ୍ୟମ। ସିନେମା ଓ ଥିଏଟର ରାଜ୍ୟଠାରୁ ଆରମ୍ଭ କରି ଅନ୍ତର୍ଜାତୀୟସ୍ତରରେ ମଧ୍ୟ ପ୍ରଦର୍ଶିତ ହୁଏ। ମାତ୍ର ଅପେରା ବା ଯାତ୍ରା କେବଳ ଓଡ଼ିଶାରେ ଦେଖିବାକୁ ମିଳେ। ଅପେରାରେ ଦର୍ଶକ ଓ କଳାକାର ଗୋଟିଏ ତମ୍ବୁତଳେ ସାରା ରାତି ନାଟକକୁ ଉପଭୋଗ କରନ୍ତି। ସିନେମା ଭଳି ଏଥିରେ ଭିଡ଼ ନଥିବାରୁ ଦର୍ଶକ ସିଧାସଳଖ ଭାବରେ ଯାତ୍ରାର କଳାକାରଙ୍କ ଅଭିନୟକୁ ଦେଖେ। କାହାଣୀ ମଞ୍ଚ, ସାଉଣ୍ଡ ସିଷ୍ଟମ ଆଦି କ୍ଷେତ୍ରରେ ଅନେକ ନୂତନତ୍ୱ ଆସିବାରୁ ହଜାର ହଜାର ଦର୍ଶକ ଯାତ୍ରା ନାଟକ ପ୍ରତି ଆଗ୍ରହ ଦେଖାଉଛନ୍ତି।





## ଯାତ୍ରା ମଞ୍ଚର ଚର୍ଚ୍ଚିତ ଚେହେରା









ବର୍ତ୍ତମାନ ସମୟରେ ଓଡ଼ିଶାରେ ୩୦ରୁ ଊର୍ଦ୍ଧ୍ୱ ଅପେରା ଦଳ ସକ୍ରିୟ ଅଛନ୍ତି। ପ୍ରତିବର୍ଷ ନାଟ୍ୟ ଅନୁଷ୍ଠାନରେ ମଞ୍ଚସ୍ଥ 'ନାଟକ' ଓ 'କଳାକାର' ପରିବର୍ତ୍ତିତ ହେବାର ଦେଖାଯାଏ। ଯାତ୍ରା ନାଟକଗୁଡ଼ିକ ଖଳନାୟକ କୈନ୍ଦ୍ରିକ ହୋଇଥିବାରୁ ନାୟକ ଓ ନାୟିକାଙ୍କ ଅପେକ୍ଷା ଖଳନାୟକ ହିଁ ଚର୍ଚ୍ଚିତ ହୁଅନ୍ତି। ଖଳନାୟକଙ୍କ ମଧ୍ୟରେ ସଞ୍ଜୟ ଭୋଳ, ଦଇତାରୀ ପଣ୍ଡା, ମହେନ୍ଦ୍ର ବିଶ୍ୱାଳ ( ଭିକୁ ସେଟ୍), କାହ୍ନା ସ୍ୱାଇଁ, ପୀୟୂଷ ତ୍ରିପାଠୀ ପ୍ରମୁଖ ବହୁ ପରିଚିତ। ଦମ୍‌ଦାର ଅଭିନୟ ସାଙ୍ଗକୁ ନୂଆ ନୂଆ ଶୈଳୀରେ ସଂଳାପ ଉଚ୍ଚାରଣରେ ଏମାନେ ଦର୍ଶକଙ୍କ ପାଖରେ ଚର୍ଚ୍ଚିତ ହୋଇରୁହନ୍ତି।

## ଯାତ୍ରା ମଞ୍ଚ

ଯାତ୍ରା ପେଣ୍ଡାଲ ବା ଯାତ୍ରା ମଞ୍ଚର ମଧ୍ୟ ଏକ ବିକାଶକ୍ରମ ରହିଛି। ପୂର୍ବେ ମୁକ୍ତାକାଶ, ଛାମୁଣ୍ଡିଆ ତଳେ ନାଟକ ମଞ୍ଚସ୍ଥ ହେଉଥିଲା। ବର୍ତ୍ତମାନ ଯାତ୍ରା ମଞ୍ଚରେ ଅନେକ ନୂତନ ଟେକ୍ନୋଲୋଜିକୁ ଗ୍ରହଣ କରାଯାଉଛି। ଆୟତାକାର ଏହି ମଞ୍ଚ ଆଗରୁ ଟେଣ୍ଟ (ତମ୍ବୁ) କପଡ଼ାରେ ନିର୍ମାଣ ହେଉଥିଲା। ପେଣ୍ଡାଲର ତଳଭାଗ ପଟାଭାଡ଼ିଆ ଓ ଉପରଅଂଶ ବାଉଁଶ ଓ କପଡ଼ା ଦ୍ୱାରା ନିର୍ମାଣ କରାଯାଉଥିଲା। ଏହା ବର୍ତ୍ତମାନ ଷ୍ଟିଲ୍ ପେଣ୍ଡାଲକୁ ରୂପାନ୍ତରିତ ହୋଇଛି। ଯାହାଦ୍ୱାରା ଆଲୋକ ସଂପାତ ମଞ୍ଚକୁ ଆକର୍ଷଣୀୟ କରି ରଖେ। ପ୍ରଥମେ ପେଣ୍ଡାଲ୍‌ରେ ତିନିଥାକିଆ ଡାଇସ୍ ପରେ ଚଳମାନ ଡାଇସ୍ ଓ ଏବେ ଏବେ ଗୋଟିଏ ଥାକ ସ୍ଥିର ଡାଇସର୍ ପ୍ରଚଳନ କରାଯାଇଛି।

ଷ୍ଟିଲ୍ ପେଣ୍ଡାଲ ଉପରେ ପାଲ୍‌କୋ (Palko) ଲାଇଟ୍, ସାର୍ପି (Sharpy) ଲାଇଟ୍, ଫ୍ଲଡ୍‌ଲାଇଟ୍ (ଫ୍ଲଡ୍), ହାଲୋଜିନ୍, ହ୍ୱାଇଟ୍ ଆଣ୍ଡ କଲର ଏଲଇଡି, ସ୍ପଟ୍ ଲାଇଟ୍, ସ୍ମୋକ୍ ମେସିନ୍ ଆଣ୍ଡ ଲାଇଟ୍ ଇତ୍ୟାଦି ବିଭିନ୍ନ ପ୍ରକାରର ରଙ୍ଗବେରଙ୍ଗର ଆଲୋକ ବ୍ୟବହାର ଫଳରେ ଷ୍ଟିଲ୍ ଉପରେ ଏସବୁ ଲାଇଟ୍ ପ୍ରତିଫଳିତ ହୋଇ ସୁନ୍ଦର ଦେଖାଯାଏ। ସେହିପରି ସାଉଣ୍ଡ ପାଇଁ ସାଧାରଣ ସ୍ପିକର, ବାସ୍ ସ୍ପିକର, ଡଲ୍‌ବି ସ୍ପିକର, ଡୁଆଲ ଡିଜେ ବକ୍ସ, ଫନେଲ ଆଦିର ପ୍ରଚଳନ ପାଇଁ ଯାତ୍ରା ମଞ୍ଚ ରାତ୍ରିରେ ନାଟକ ଶେଷ ଯାଏ ଦର୍ଶକଙ୍କୁ ବାନ୍ଧି ରଖି ପାରୁଛି। କେତେକ ଯାତ୍ରା ମଞ୍ଚରେ ଏଲ୍‌ଇଡି ସ୍କ୍ରିନ୍ ମଧ୍ୟ ବ୍ୟବହାର କରାଯାଇ ନାଟକକୁ ନାଚୁରାଲ୍ କରିବା ପାଇଁ ଚେଷ୍ଟା କରାଯାଉଛି।



## ଟିଭି ପରଦାରୁ ଯାତ୍ରା ମଞ୍ଚ

ଯାତ୍ରା ଜଗତରେ ମଞ୍ଚସ୍ଥ ନାଟକଗୁଡ଼ିକର ସଫଳତା ଦିନକୁ ଦିନ ବଢ଼ିବାରେ ଲାଗିଥିବାରୁ ଓଡ଼ିଆ ସିନେମା ଓ ଧାରାବାହିକ (ଟିଭି ସିରିଏଲ୍) ର ଅନେକ ଆଗଧାଡ଼ିର କଳାକାରଙ୍କୁ ଯାତ୍ରା ମଞ୍ଚରେ ଦେଖିବାକୁ ମିଳୁଛି। ଏପରିକି ବଲିଉଡ୍‌ର ଜଣେ କଳାକାର ଓଡ଼ିଆ ଯାତ୍ରା ମଞ୍ଚରେ ନିଜର ଅଭିନୟ ଦେଖେଇ ସାରିଛନ୍ତି। ସ୍ୱର୍ଗତ ରାଇମୋହନ ପରିଡ଼ା, ବୀରେନ୍ ମିଶ୍ର, ଉଷସୀ ମିଶ୍ର, ତମସା ମିଶ୍ର, ଲରେନ୍ସ ବେହେରା, ଅଶ୍ୱିନୀ ବ୍ରହ୍ମା, ତୁଷାର (ଚନ୍ଦନ), ଛନ୍ଦିତା ପାଢ଼ୀ ପ୍ରମୁଖ କଳାକାରମାନେ ଓଲିଉଡ୍ ଜଗତରୁ ଜଲିଉଡ୍ ଜଗତକୁ ଆସିଛନ୍ତି। ଇଷ୍ଟର୍ଣ୍ଣ ଅପେରାରେ ଅତିଥି କଳାକାର ଭାବରେ ବଲିଉଡ୍ ଜଗତର ସିନେ ତାରକା ଶକ୍ତି କପୁର ମଧ୍ୟ ଯାତ୍ରା ମଞ୍ଚରେ ନିଜର ଅଭିନୟ ପ୍ରଦର୍ଶନ କରିସାରିଛନ୍ତି। ଯାତ୍ରାର ଲୋକପ୍ରିୟତା ଓ ପ୍ରତ୍ୟକ୍ଷ ଅଭିନୟ ହିଁ ଅନେକ ରୁପେଲି ପରଦାର କଳାକାରଙ୍କୁ ରଙ୍ଗିନ ଯାତ୍ରା ମଞ୍ଚକୁ ଟାଣି ଆଣୁଛି।

## ବିବାଦରୁ ଲୋକପ୍ରିୟ କଳାକାର

କିଛି ବର୍ଷ ପୂର୍ବେ ଖଣ୍ଡଗିରି ଯାତ୍ରା ପଡ଼ିଆରେ ଅଭିନେତ୍ରୀ ରାଣୀ ପଣ୍ଡାଙ୍କ ନୃତ୍ୟକୁ ନେଇ ବିବାଦ ଦେଖାଦେଇଥିଲା। ସେ ସମୟରେ ଆଇଟମ୍ ଗର୍ଲ ଭାବରେ ଡ୍ୟାନ୍ସ କରୁଥିଲେ। ତାଙ୍କୁ ନେଇ ବିବାଦ ଘନେଇବା ପରେ, ରାଣୀ ପଣ୍ଡା ଡ୍ୟାନ୍ସରୁ ଦୂରେଇ ଯାତ୍ରାର ମୁଖ୍ୟ ଚରିତ୍ରରେ ଦେଖିବାକୁ ମିଳିଲେ। ଏବେ ସେ ଆଗଧାଡ଼ିର କଳାକାର। ଆଣ୍ଟିହିରୋ ଭୂମିକାରେ ନଜର ଆସିଥିବା ପୀୟୂଷ ତ୍ରିପାଠୀଙ୍କ ନାଟକ 'ଅଧାରାତିର ସାଥିରେ' ଦମ୍‌ଦାର ଅଭିନୟ ଓ ଚରିତ୍ରକୁ ଜୀବନ୍ତ କରିଥିବାରୁ ତାଙ୍କ ଉପରକୁ ଚେୟାର ମାଡ଼ ହୋଇଥିଲା। ଏହିଠାରୁ ହିଁ ଓଡ଼ିଶା ଯାତ୍ରା ଜଗତର ପୀୟୂଷ ତ୍ରିପାଠୀ ଜଣେ ବହୁ ପରିଚିତ ଓ ଆଗଧାଡ଼ିର କଳାକାର ଭାବେ ଜଣାଶୁଣା ହୋଇଛନ୍ତି।

## ଯାତ୍ରାର ବ୍ୟାବସାୟିକ ଦିଗ

ବର୍ତ୍ତମାନ ସମୟରେ କେତେକ ଯାତ୍ରାପାର୍ଟି ହାଇ ବଜେଟ୍‌ର ପେମେଣ୍ଟ ପ୍ରତି ରାତି ପାଇଁ ନିଅନ୍ତି। ଯାତ୍ରା ବା ଅପେରା ପାର୍ଟିମାନେ ବର୍ଷାଋତୁକୁ ବାଦ୍ ଦେଇ ବର୍ଷର ୮ / ୯ ମାସ ନାଟକ ଅଭିନୟ କରିବାରେ ସକ୍ଷମ। ଯାତ୍ରା ସିଜିନ୍ ସେପ୍ଟେମ୍ବର- ଅକ୍ଟୋବରରୁ ଆରମ୍ଭ ହୋଇ ମେ' ମାସ ଯାଏ ଚାଲେ। ଛୋଟ, ଯାତ୍ରାପାର୍ଟି ରାତିକୁ ଲକ୍ଷେ ଟଙ୍କାରୁ ଆରମ୍ଭ କରି ବଡ଼ ବଡ଼ ଯାତ୍ରା ପାର୍ଟିଗୁଡ଼ିକ ଅଢ଼େଇ ଲକ୍ଷ ପ୍ରତି ରାତି ପାଇଁ ଡିମାଣ୍ଡ କରନ୍ତି। କଳାକାରମାନେ ଦରମା ବାର୍ଷିକ ହାରରେ ପାଇଥାନ୍ତି। ଜଣେ ଜଣେ କଳାକାର ସର୍ବାଧିକ ୩୫ଲକ୍ଷ ଗୋଟିଏ ବର୍ଷକୁ ତାଙ୍କ ପ୍ରାପ୍ୟ ନିଅନ୍ତି। ସର୍ବନିମ୍ନ ୫ରୁ ୮ ଲକ୍ଷ ମଧ୍ୟ କେତେକ କଳାକାର ପାଇଥାନ୍ତି।

## ଯାତ୍ରାର ବ୍ୟାପକତା

ଓଡ଼ିଶାରେ ଯାତ୍ରାଦଳଙ୍କୁ ବାଦ୍ ଦେଲେ ମଧ୍ୟ ଅପେରା ନାଟକ ମଞ୍ଚସ୍ଥ ହେବାର ଦେଖାଯିବ। ଏହା ଗାଁ'ର ଯୁବକ, ସହରର ବିଭିନ୍ନ ଅନୁଷ୍ଠାନପକ୍ଷରୁ ବର୍ଷର ବହୁ ସମୟ ଅଭିନୀତ ହୁଏ। ଏଥିରେ ଅଭିନେତ୍ରୀମାନେ ବାହାରୁ ଆସନ୍ତି ଓ ଅଭିନେତାମାନେ ସେହି ଗାଁ' ବା ଆୟୋଜିତ କମିଟିର ହୋଇଥାନ୍ତି। ଅପେରା ପାଇଁ ବିଭିନ୍ନ ଚିତ୍ରାଳୟ ମଧ୍ୟ ରହିଛି। ନୟାଗଡ଼ ଓ ଗଞ୍ଜାମ ଜିଲ୍ଲାରେ ଅନେକ ଅପେରା ଚିତ୍ରାଳୟ ଦେଖିବାକୁ ମିଳେ। ପ୍ରଗତି ଚିତ୍ରାଳୟ (ଇଟାମାଟି), ଓମ୍‌ଶ୍ରୀ ଚିତ୍ରାଳୟ ( ଲାଠିପଡ଼ା), ନାରାୟଣ ଚିତ୍ରାଳୟ (ମାଛିପଡ଼ା), ଅଳକା ଚିତ୍ରାଳୟ (ଛତ୍ରପୁର) ଗଞ୍ଜାମ ଆଦି ଜିଲ୍ଲାରେ ଏକାଧିକ ଚିତ୍ରାଳୟ ଅପେରା ପ୍ରଦର୍ଶନ କରାଇଥାନ୍ତି। ଥିଏଟର ନାଟକ ଓ ସୌଖୀନ ରଙ୍ଗ ମଞ୍ଚର ନାଟକ ଦିନକୁ ଦିନ ସଙ୍କୁଚିତ ହେଉଥିବାବେଳେ ଯାତ୍ରାନାଟକ ତା'ର କାୟାବିସ୍ତାର କରିଚାଲିଛି।

## ଯାତ୍ରା ନାଟ୍ୟକାର

ସାମ୍ପ୍ରତିକ ସମାଜର କାହାଣୀକୁ ନେଇ ବର୍ତ୍ତମାନ ଓ ପୂର୍ବରୁ ଯେଉଁ ନାଟ୍ୟକାରମାନେ ନାଟକ ରଚନା କରି ଯାତ୍ରା ଶିଳ୍ପକୁ ଏକ ସମୃଦ୍ଧ ପରମ୍ପରା ଯୋଗାଇଛନ୍ତି, ସେମାନଙ୍କ ମଧ୍ୟରେ ରମେଶ ପାଣିଗ୍ରାହୀ, ଅନନ୍ତ ଓଝା, ହର ବାରିକ, ପ୍ରଦୀପ ବେହେରା, ଇଂ ଆଶୁତୋଷ ମହାପାତ୍ର, ଡ. ଦୀପକ ଜେନା, କୈଳାଶ ମଲ୍ଲିକ, ନୀହାର ରଞ୍ଜନ ମହାନ୍ତି, ଅଜୟ ସ, ସୁଧାଂଶୁ ନାୟକ, ସନ୍ତୋଷ ନାରାୟଣ ଦାସ ଆଦି ନାଟ୍ୟକାର ନୂଆଧାରଣର ନାଟକ ରଚନା କରି ଯାତ୍ରାର ଶ୍ରୀବୃଦ୍ଧି କରାଇଛନ୍ତି।

## ନାଟକ, ପାଠକ ଏବଂ ଦର୍ଶକ

ସାହିତ୍ୟ ଓ ନାଟକ ଯଦିଓ ଅଙ୍ଗାଅଙ୍ଗୀଭାବରେ ଜଡ଼ିତ ମାତ୍ର ଯାତ୍ରା ନାଟକକୁ ସାହିତ୍ୟ ଭାବରେ ଗ୍ରହଣ କରାଯାଏ ନାହିଁ। ତେଣୁ ଯାତ୍ରା ନାଟକ କେବଳ ପ୍ରଦର୍ଶନଧର୍ମୀ କଳା ହୋଇ ରହିଛି। ଏହି ନାଟକଗୁଡ଼ିକର ପାଠକ ନ ଥାନ୍ତି। ନାଟକଗୁଡ଼ିକ ବହୁ ଚର୍ଚ୍ଚିତ ଓ ପ୍ରଭାବଶାଳୀ ହେଲେ ମଧ୍ୟ ଥିଏଟର ନାଟକ ପରି ଏଗୁଡ଼ିକକୁ କୌଣସି ପାଠ୍ୟକ୍ରମରେ ରଖାଯାଏନାହିଁ। କୁହାଯାଇପାରେ ଯେ ଯାତ୍ରା ବା ଅପେରା ନାଟକର ପାଠକ ନୁହେଁ, ବରଂ ଦର୍ଶକ ରହିଥାନ୍ତି।

ଅତୀତ ଓ ବର୍ତ୍ତମାନକୁ ଲକ୍ଷ୍ୟ କରି ଯେ କେହି ଦର୍ଶକ ଓ ଜନସାଧାରଣ କହିପାରିବେ ଯେ, ଏହାର ଭବିଷ୍ୟତ ଅନେକ ଆଗକୁ ଯିବ। ମାତ୍ର ବର୍ତ୍ତମାନ ସମୟରେ ଯେଉଁ ଯାତ୍ରା ପାର୍ଟି ଓ କଳାକାରଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ଦେଖାଯାଉଛି ତାହା ବନ୍ଦ ହେବା ଦରକାର। ■

ଓଡ଼ିଆ ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀ ବିହାର, ଭୁବନେଶ୍ୱର
ମୋ: ୮୨୭୦୭୭୯୪୦୭

“ବର୍ଷାଣାଂ ଭାରତଃ ଶ୍ରେଷ୍ଠ / ଦେଶାନାଂ ଉତ୍କଳ ସ୍ମୃତଃ
ଉତ୍କଳ ଦେଶସ୍ୟ ସମ / ଦେଶ ନାସ୍ତି ମହୀ ତଳେ”

(ବ୍ରହ୍ମାଣ୍ଡ ପୁରାଣ)

ଉତ୍କୃଷ୍ଟ କଳା କାରିଗରିର ଦେଶ ଆମ ଉତ୍କଳ । ଏହି ଉତ୍କଳ ବକ୍ଷରେ ସୁରମ୍ୟ କଳା ଉକୁଟି ଉଠିଛି ବୋଲି ତା'ର ନାମ ପୁଣି କଳିଙ୍ଗ । ଏହି କଳାଭୂମିରେ ନାଟ୍ୟକଳାର ସ୍ୱତନ୍ତ୍ର ପରମ୍ପରା କେଉଁ ଆବହମାନ କାଳରୁ ରହିଆସିଛି । ଏକ ଜାତିର ନିଚ୍ଛକ ଜୀବନ ପ୍ରତିରୂପ ଗୋଟିଏ ନାଟକ ଭିତରେ ଭରି ରହିଥାଏ । ଏଥିପାଇଁ କୁହାଯାଏ - “A nation is known by its theatre” । ଏକଦା ଦୃଶ୍ୟଶ୍ରାବ୍ୟର ରମଣୀୟ ଅଂଶ ନେଇ ନାଟକ ପଞ୍ଚମ ବେଦର ପରିଚୟ ବହନ କରେ ।



# ଓଡ଼ିଆ ଗଣନାଟ୍ୟ ଧାରା



ଡକ୍ଟର ଗିରିଜାକାନ୍ତ ଦାସ

ଗଣଭୋଗ୍ୟ କଳା ଏଇ ନାଟକ ମଧ୍ୟରେ ଗଣନାଟ୍ୟ ହେଉଛି ଏକ ସ୍ୱତନ୍ତ୍ର ନାଟ୍ୟଧାରା । ଏହା ଅନ୍ୟାନ୍ୟ ନାଟ୍ୟରୂପଠାରୁ ସଂପୂର୍ଣ୍ଣ ଭିନ୍ନ । ବହୁ ଲୋକଭ୍ରମତା, ଅଜ୍ଞତା, ଅବୋଧ କିମ୍ବା ଚଳିଆସୁଥିବା ବ୍ୟବହାରିକ ନାମରେ ପ୍ରଭାବିତ ହୋଇ ଗଣନାଟ୍ୟକୁ ଭିନ୍ନ ଭିନ୍ନ ପରିଭାଷାରେ ଗ୍ରହଣ କରିଛନ୍ତି । କିଏ ଲୋକନାଟକ କହୁଥିବାବେଳେ, କିଏ ଯାତ୍ରା ନାଟକ କହିଥାନ୍ତି । କିଏ ଅପେରା କହୁଥିଲାବେଳେ ଆଉ କେହି କେହି ନାଟ ବୋଲି କହିଥାନ୍ତି । କିନ୍ତୁ ଏଗୁଡ଼ିକ କୌଣସି ଗଣନାଟ୍ୟର ନାମ ନୁହେଁ । ଏହା ହୋଇପାରେ ଯେ, ପରସ୍ପର ମଧ୍ୟରେ ଯଦିଓ କିଞ୍ଚିତ୍ ନାଟ୍ୟାଭିବ୍ୟକ୍ତିର ସାମଞ୍ଜସ୍ୟ ଅଛି, କିନ୍ତୁ ଆଙ୍ଗିକ ତଥା ଆତ୍ମିକ ଦୃଷ୍ଟିରୁ ଏହାର ଅନେକ ପାର୍ଥକ୍ୟ ରହିଛି ।



## ଓଡ଼ିଶାରେ ଗଣନାଟକ

ଆମ ସମାଜର ଚତୁଃପାର୍ଶ୍ୱର ଘଟଣା ତଥା ଜୀବନାନୁଭୂତିକୁ ସାଉଁଟି କଳ୍ପନା କଳାର କାଳିମାରେ ମିଶ୍ରଣ ସହ ମଞ୍ଚାଭିନୟ କରି ଗଣଶ୍ରୋତାଙ୍କ ସମ୍ମୁଖକୁ ଆଣିଲେ ତାହା ହୁଏ ଗଣନାଟକ । ସମସାମୟିକ ବ୍ୟକ୍ତି ସମାଜର ଏହି ବାର୍ତ୍ତାକୁ ସମସ୍ତଙ୍କ ପାଖରେ ପହଞ୍ଚାଇ ଦେବାର ଉପଯୁକ୍ତ ମାଧ୍ୟମ ହେଉଛି ଏହି ଗଣନାଟକ । ସମାଜରେ ଦେଖାଦେଉଥିବା ବିଭିନ୍ନ ସମସ୍ୟା ଯଥା:- ଅନ୍ୟାୟ, ଅବିଚାର, ବଳାତ୍କାର, ହତ୍ୟା, ଲୁଣ୍ଠନ, ଦେଶେଦେଶେ ବିଦ୍ରୋହ ଭାବର କଳାକାରନାମା ଅବଶେଷରେ ସମାଜର ସମସ୍ତ ନଗ୍ନରୂପକୁ ଦେଖାଇ ଜନତାଙ୍କୁ ସଚେତନତା କରାଇବା ସହ ସମାଜ ସଂସ୍କାର ପାଇଁ ଗଣନାଟକ ଏକ ଅମୋଘ ଅସ୍ତ୍ର ସଦୃଶ । ତେବେ ଓଡ଼ିଶାରେ ଗଣନାଟକର ସୃଷ୍ଟି ଅତି ପ୍ରାଚୀନ ନୁହେଁ । ଏହାର ପ୍ରଚାର ପ୍ରସାର ଊନବିଂଶ ଶତାବ୍ଦୀର ଶେଷ ତଥା ବିଂଶ ଶତାବ୍ଦୀର ଆରମ୍ଭରୁ ହୋଇଛି । ଏହା ପୂର୍ବରୁ ଓଡ଼ିଶାରେ ପାର୍ସୀ ଥିଏଟର୍ସ, ବେଙ୍ଗଲି ଥିଏଟର୍ସ ଭଳି ନାଟ୍ୟଦଳ ପ୍ରଥମେ କଟକ ଆସି ଅଭିନୟ ଦେଖାଇ ସଚେତନତା ଆଣିଥିଲେ । ତେବେ ଊନବିଂଶ ଶତାବ୍ଦୀଠାରୁ ଉଇଁ ଉଠିଥିବା ଗଣଭୋଗ୍ୟ କଳା ଏହି ଗଣନାଟକର ନିଶ୍ଚିତ ଭୂୟୋବିକାଶ ସାଧନ ହୋଇଛି । ଉକ୍ତ ସମୟର ସ୍ୱନାମଧନ୍ୟ ଗଣନାଟ୍ୟକାରଙ୍କ ମଧ୍ୟରେ - ଜଗନ୍ନାଥ ପାଣି, ଗୋପାଳ ଦାସ, ବୈଷ୍ଣବ ପାଣି, ବାଳକୃଷ୍ଣ ମହାନ୍ତି, କୃଷ୍ଣପ୍ରସାଦ ବସୁ, ରାମଚନ୍ଦ୍ର ସ୍ୱାଇଁ, ଲକ୍ଷ୍ମୀକାନ୍ତ ମହାପାତ୍ର, ଗୋବିନ୍ଦ ଚନ୍ଦ୍ର ଶୂରଦେବ ପ୍ରମୁଖ ଅନ୍ୟତମ । ଏହି ପ୍ରତିଭାମାନଙ୍କ ଦୃଢ଼ ପ୍ରଚେଷ୍ଟା ବଳରେ ଗଣନାଟ୍ୟ କଳାର ବିକାଶ ହୋଇଥିଲା । ପୁନଶ୍ଚ ସ୍ୱାଧୀନତା ପରବର୍ତ୍ତୀ ସମୟରେ ଗଣନାଟ୍ୟ କ୍ଷେତ୍ରରେ ଅନେକ ନାଟ୍ୟକାରମାନେ ଯୋଗଦେଇ ନାଟ୍ୟ ଅନୁଷ୍ଠାନ ଗଢ଼ି ଏହାର ଅସ୍ମିତାକୁ ଯଥେଷ୍ଟ ସୁଦୃଢ଼ କରିଥିଲେ । ସେମାନଙ୍କ ମଧ୍ୟରେ ରଘୁନାଥ ପଣ୍ଡା, ସୁକାନ୍ତ ଦାସ, ରବିନ୍ଦ୍ର ସାହୁ, କୈଳାସ ମଲ୍ଲିକ, କୃଷ୍ଣ ବେହେରା, ଶ୍ୟାମସୁନ୍ଦର ମହାପାତ୍ର, ଉମାକାନ୍ତ ବେହେରା, ଯଦୁମଣି କାନୁନ୍‌ଗୋ, ସଚ୍ଚି ଦାସ, ବିଚିତ୍ରାନନ୍ଦ ସାହୁ, ଅନନ୍ତ ଓଝା, ହୃଷିକେଶ ଷଡ଼ଙ୍ଗୀ ପ୍ରମୁଖ ନାଟ୍ୟକାର ଓ ଏହା ପରେ ରମେଶ ପାଣିଗ୍ରାହୀ, ପ୍ରଫୁଲ୍ଲ ରଥ, ବିଜୟ ମିଶ୍ର, ମନୋଜ ପଣ୍ଡା, ଗୋଲଖ ମହାରଣା, ସୁଶ୍ରୀ ହରପ୍ରିୟା ତଥା ହରପ୍ରସାଦ ବାରିକଙ୍କ ଭଳି ଅନ୍ୟ ନାଟ୍ୟକାରମାନେ ଯୋଗ ଦେଇ ବସିଲେ ।

## ଆଧୁନିକ ଗଣନାଟ୍ୟର ସ୍ୱରୂପ

**ଆଧୁନିକ ଗଣନାଟ୍ୟରେ ଏବେ ଅନେକ ପରିବର୍ତ୍ତନ ଆସିଛି । ସେଥିପାଇଁ ଅନେକ ଆହ୍ୱାନର ସମ୍ମୁଖୀନର ସାମ୍ନା କରିବାକୁ ପଡ଼ିଛି ଯାତ୍ରା ପ୍ରଯୋଜକ, ନିର୍ଦ୍ଦେଶକ କଳାକାରମାନଙ୍କୁ । ଆଧୁନିକ ଗଣନାଟକର କେତେକ ସ୍ୱରୂପ ହେଲା**

- ବ୍ୟକ୍ତି ଜୀବନ କାହାଣୀକୁ ଚତୁର୍ମୁଖୀ ଖୋଲା ମଞ୍ଚରେ ଅଭିନୟ ମାଧ୍ୟମରେ ଉପସ୍ଥାପନ କରିବା ।
- ଗଦ୍ୟପଦ୍ୟ ଯୁକ୍ତ ଅମିତ୍ରାକ୍ଷର ସଂଳାପ କଣ୍ଠସ୍ଥ କରି ଅଭିନେତା ଓ ଅଭିନେତ୍ରୀ ସାମାଜିକ ଜୀବନ ବେଦକୁ ବଖାଣିବା ଗଣନାଟ୍ୟର ବୈଚିତ୍ର୍ୟ ।
- ଗଣନାଟ୍ୟ ଆରମ୍ଭ ପୂର୍ବରୁ ପ୍ରସ୍ତାବନା ମଧ୍ୟରେ ବିଭିନ୍ନ ଦେବଦେବୀଙ୍କ ଭଜନ, ପାରମ୍ପରିକ ଆଧୁନିକ ଗୀତ, ନୃତ୍ୟ (ଯୁଗ୍ମ ନୃତ୍ୟଗୀତ) ବ୍ୟବସ୍ଥା ସହ ବିଭିନ୍ନ ବିକ୍ରୟ ସାମଗ୍ରୀ ପାଇଁ ଆଞ୍ଚଳିକ ବିଜ୍ଞାପନ ମାଧ୍ୟମରେ ମନ ମୋହିବା ।
- ଦର୍ଶକ ପରିବେଶରେ ବିଭିନ୍ନ ରସର ପ୍ରୟୋଗ ସହ ଶୃଙ୍ଗାର, କରୁଣ ଓ ହାସ୍ୟରସକୁ ବିଶେଷ ପ୍ରାଧାନ୍ୟ ଦେବା ।
- ଅତ୍ୟାଧୁନିକ ଚତୁର୍ମୁଖୀ ମଞ୍ଚ ଗଠନ, ଟିଭି ପରଦା ସ୍ଥାପନ, ଛାୟାପଟ୍ଟ ସହ ଆଲୋକ ଓ ଉନ୍ନତମାନର ବାଦ୍ୟଯନ୍ତ୍ର ତଥା ଯନ୍ତ୍ରାଂଶର ପ୍ରୟୋଗ ।

## ବଦଳିଛି ଯାତ୍ରା ନାଟକର ରୁଚି

ଆଧୁନିକତାର ତାଳେତାଳେ ଯାତ୍ରା ନାଟକର ରୂପ, ରଙ୍ଗ, ଗଠନ ସବୁକିଛି ବଦଳି ଯାଇଛି । ପୂର୍ବଭଳି ଆଉ ସେ ପୁରାଣ, କିମ୍ବଦନ୍ତୀ ମୂଳକ କାହାଣୀ ଚରିତ୍ର ମୁଖରେ ଗୀତିମୟ ଅଳଙ୍କାରଧର୍ମୀ ଦୀର୍ଘ ଛାନ୍ଦର ସଂଳାପ ନାହିଁ କି ଇତିହାସ ବିସ୍ମୃତ ଜାତୀୟତାବୋଧ ନାଟ୍ୟଧାରା ନାହିଁ । ଏବେ ସଂକ୍ଷିପ୍ତ ବ୍ୟଞ୍ଜନଧର୍ମୀ ସଂଳାପ ସହ ସମାଜରେ ଆଦର୍ଶ, ଅନାଦର୍ଶ ଚରିତ୍ରମାନଙ୍କର ଜୀବନଲୀଳା ପାଲଟିଛି ଯାତ୍ରା ନାଟକର ପ୍ରମୁଖ ବିଭବ । ଗଣନାଟ୍ୟ ଆଉ ପୂର୍ବର ସେ ଚାରିଖୁଣ୍ଟିଆ ବନ୍ଧା ଦୃଶ୍ୟାଡ଼ମ୍ବର ଭଳି ରଙ୍ଗମଞ୍ଚରେ ଆବଦ୍ଧ ହୋଇ ରହେ ନାହିଁ । ଏହା ଅତ୍ୟାଧୁନିକ ସାଜସଜ୍ଜା, ଉନ୍ନତମାନର ବିଦ୍ୟୁତ୍ ଆଲୋକ ଓ ଯନ୍ତ୍ରପାତିର ଭିଡ଼ରେ ଦର୍ଶକମାନଙ୍କର ମନ ମୋହିଛି । ସଙ୍ଗୀତ ଓ ନୃତ୍ୟରେ ରୀତିଯୁଗୀୟ ଶାସ୍ତ୍ରୀୟତା ଆଉ ନାହିଁ, ଅଛି ଖାଲି ଇଲେକ୍ଟ୍ରୋନିକ୍ସ ବାଦ୍ୟ ଯନ୍ତ୍ରର ତାଳେତାଳେ ଆଧୁନିକ ଓଡ଼ିଆ ଆଉ ହିନ୍ଦୀ ସଙ୍ଗୀତ ଓ ନୃତ୍ୟର ସରଗରମ । ଦର୍ଶକମାନେ ଏବେ ଆଧୁନିକ ଚଳଚ୍ଚିତ୍ର ଓ ନୃତ୍ୟରେ ପ୍ରଭାବିତ ହୋଇ ବର୍ଣ୍ଣନାଧର୍ମୀ, ପୌରାଣିକ ଓ ଐତିହାସିକ କାହାଣୀରେ ବୋଧ ହେଉ ନାହାଁନ୍ତି । ସେମାନେ ଆଧୁନିକ ଜୀବନ ଶୈଳୀରେ ବଞ୍ଚି ଗଣନାଟ୍ୟରେ ବ୍ୟଞ୍ଜନାଧର୍ମୀ ନାଟକୀୟ କାହାଣୀର ବୋଧ ହେଉଛନ୍ତି । ଯାତ୍ରା ନାଟ୍ୟକାରମାନେ ଏବେ ବିଭିନ୍ନ ପରୀକ୍ଷା ନିରୀକ୍ଷା ଦ୍ୱାରା ଅତ୍ୟାଧୁନିକତାର ରୂପ ଦେଇ ନୂତନ ଲେଖା ଓ ସଂଳାପ ଲେଖୁଛନ୍ତି । ସିନେମା ଓ ଆଧୁନିକ ନାଟକ ସହିତ ପ୍ରତିଯୋଗିତା







କରି ଗଣନାଟ୍ୟ ସଂପ୍ରତି ଯେତେସବୁ ମନୋରଞ୍ଜନ କାର୍ଯ୍ୟକ୍ରମ ସଂପାଦନା କରୁଥିବା ଗଣମାଧ୍ୟମ ଅଛନ୍ତି- ସର୍ବପେକ୍ଷା ଗଣନାଟ୍ୟ ଶ୍ରେଷ୍ଠ ସ୍ଥାନ ଲାଭ ନେଇଛି । ନାଟ୍ୟକାର, ନିର୍ଦ୍ଦେଶକଙ୍କଠାରୁ ଆରମ୍ଭ କରି ମୁଖ୍ୟ ଓ ଗୌଣ୍ୟ କଳାକାର ତଥା ନାଟ୍ୟ କର୍ମଚାରୀଗଣ ଏବେ ଅଧିକ ବେତନରେ ନିଯୁକ୍ତି ପାଉଛନ୍ତି । ବିଜ୍ଞାନର ଦ୍ରୁତଗତି ତଥା ସଂସ୍କୃତିରେ ବ୍ୟାପକ ପରିବର୍ତ୍ତନ ଯୋଗୁଁ ଯାତ୍ରା ନାଟକ ଆଉ ପଲ୍ଲୀପ୍ରାଣ ବ୍ୟକ୍ତିମାନଙ୍କ ମଧ୍ୟରେ ବାନ୍ଧି ହୋଇ ରହିନି ସେ ସହରୀ ଶିକ୍ଷିତ ଆଭିଜାତ୍ୟ ବ୍ୟକ୍ତିମାନଙ୍କ ମନ ପାଖରେ ବାନ୍ଧି ହୋଇଯାଇଛି । ଗଣନାଟ୍ୟଙ୍କ ତା'ର ପୂର୍ବର ଘୃଣିତ ଦୁନିଆରୁ ମୁକ୍ତ ହୋଇ ବସିଛି । ପାଷାଣୀ ଅହଲ୍ୟା ଶ୍ରୀରାମଙ୍କ ପାଦସ୍ପର୍ଶରେ ବଦଳି ଗଲା ଭଳି ଗଣନାଟ୍ୟ ଆଉ ପୂର୍ବ ଭଳି ଘୃଣିତ ନଜରରେ କଳଙ୍କିତ ହୋଇ ରହେନି । ନାଟ୍ୟାଭିନୟ ପାଇଁ ଏବେ ସବୁ ବର୍ଣ୍ଣ, ସବୁ ଜାତିର ଲୋକ ଅଭିନୟ ଦରଜା ପାଖରେ ଛିଡ଼ା ହୋଇ ଅଭିନୟ ପାଇଁ ଅନୁରୋଧରେ ଲୋଟି ପଡୁଛନ୍ତି । କେବଳ ଏତିକି ନୁହେଁ, ଗଣନାଟ୍ୟ ତା'ର ପ୍ରଚାର ପ୍ରସାରରେ ଆଗୁଆ ପାଇଁ ଅତ୍ୟାଧୁନିକ ଆଲୋକ ଉପକରଣ, ଧ୍ୱନୀ ଉପକରଣ, ଉନ୍ନତମାନର ବେଶ ପୋଷାକ, ସିନ୍ / ସିନେରି ପାଇଁ ଚିତ୍ରାଳୟ, ପ୍ରେକ୍ଷାଳୟ ପାଇଁ ଉତ୍ତମ ବ୍ୟବସ୍ଥା ସହ ଟେଣ୍ଟ, ଚେୟାର, ସିଲିଂ ଫ୍ୟାନ୍ ତଥା ଏସିରୁମ୍ ଓ ଉତ୍ତମମାନର ଖାଦ୍ୟ ସହ ରହିବା ପାଇଁ ସୁବ୍ୟବସ୍ଥା ଲଜ୍ ତଥା ଗାଡ଼ି ଭଳି ସ୍ଥାନ ନାଟ୍ୟକାରମାନଙ୍କଠାରୁ ଆରମ୍ଭ କରି କଳାକାରଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ଯୋଗାଇ ଦେଇଛି ।

## ଚର୍ଚ୍ଚିତ ଯାତ୍ରା ନାଟକ

ସବୁ ଯାତ୍ରା ପାର୍ଟିର କିଛି ନା କିଛି ଲୋକପ୍ରିୟ ନାଟକ ରହିଛି । ଯାହା ନାଟ୍ୟପ୍ରେମୀଙ୍କୁ ବର୍ଷ ବର୍ଷ ଧରି ବାନ୍ଧି ରଖିଥାଏ । ଯାତ୍ରା ଜଗତରେ ଚହଳ ପକାଇ ଦର୍ଶକ ମହଲରେ ମନ ମୋହିଥିବା ନାଟକଗୁଡ଼ିକ ମଧ୍ୟରୁ ନାଟ୍ୟକାର ଜଗନ୍ନାଥ ପାଣିଙ୍କ 'ଧ୍ରୁବ ଚରିତ', 'ପ୍ରହଲ୍ଲାଦ ଚରିତ', 'ପାରିଜାତ ହରଣ', 'ସୀତା ବନବାସ', 'ମୋଗଲ ଗୌରୁଣୀ', ଗୋପାଳ ଦାସଙ୍କ 'ରଙ୍ଗସଭା', 'ଯାନୁଭଙ୍ଗ', 'ରୁକ୍ମିଣୀ ବିବାହ', 'କାଞ୍ଚି କାବେରୀ', 'କଂସବଧ', ବୈଷ୍ଣବ ପାଣିଙ୍କ 'ମେଘନାଦ ବଧ', 'ନଳ ଦମୟନ୍ତୀ', 'ସୀତା ବିବାହ', 'ଖୁଲଣା ସୁନ୍ଦରୀ', 'ପାରିଜାତ ହରଣ','କପଟ ପଶା', ବାଳକୃଷ୍ଣ ମହାନ୍ତିଙ୍କ 'ସାବିତ୍ରୀ ସତ୍ୟବାନ', 'କେଦାର ଗୌରୀ', 'ଇରାନ ରାଣୀ', 'ଚତୁରୀ ଚମ୍ପା ଫୁଲ', ରବିନ୍ଦ୍ର ସାହୁଙ୍କ 'ଶାଗୁଣା ବସିଛି ଡେଣା ମେଲାଇ', ନିଜାନଙ୍କ 'ପର ହୋଇଗଲା ପଣତ କାନି', 'ନଈ ସେପାରି କନକ ଗୋରୀ', 'ମେଘ ପାଲିଙ୍କିରେ ଜହ୍ନ ଆସିବ', ସୁକାନ୍ତ ଦାଶଙ୍କ 'ବଗୁଲି ଝରାଏ ଲୁହ', 'ଅଞ୍ଜନା ଆଖିର ଲୁହ',' ଇଟିକିଲି ମିଟିକିଲି ଫୁଟିଗଲା କାଇଁଚ', ପୁରୁଷୋତ୍ତମ ବେହେରାଙ୍କ 'ଟୋପାଏ ସିନ୍ଦୂର ଦି ଟୋପା ଶଙ୍ଖା', କୈଳାସ ମଲ୍ଲିକଙ୍କ 'କଳଙ୍କିନୀ', 'ସ୍ୱାମୀ ଖୋଜା ଚାଲିଛି', 'ବଉଳ ଲୋ ମୋ ବର ଆସୁଛି', 'ଏଇ ଠିକଣାରେ ଚିଠି ଦବ', 'ପାପ ଲୁଚେଇଛି ପଣତ କାନି', 'ଫେରିବ ଫଗୁଣ ଅବିର ନେଇ', ଅନନ୍ତ ଓଝାଙ୍କ 'କଳାହାତ', 'ଜିଅଁନ୍ତା ଶବ', 'ଅରଣା ମଇଁଷି ରହିଛି ଅନାଇ', 'ମୋ ପେଁ କାଳି ବଜେଇ ଦେ', 'ବଇନା ଦେଇଛି ବାହା ହେବାକୁ', 'ସେହି ଦିନୁ ଜଗା ଦାସ ଗାଁକୁ ଫେରିନି', 'ଫୁଲ ବଉଳ ବେଣୀ', 'ଗାଁ ନାଁ ପ୍ରୀତିପୁର, ଝିଅ ନାଁ ରାଧା', 'ମୁଁ କେନ୍ଦ୍ରାପଡ଼ା ଝିଅ' ଆଦି ନାଟକ ଅନ୍ୟତମ ।

ସବୁକୁ ନେଇ ଦେଖି ବସିଲେ ଆଜି ଯାତ୍ରା ନାଟକ ସମାଜ ପରିବର୍ତ୍ତନ ସହ ନିଜର ପରିବର୍ତ୍ତନ କରି ପାଦ ପରେ ପାଦ ମିଳାଇ ଦର୍ଶକମାନଙ୍କ ରୁଚି ସହ ବଦଳି ଚାଲିଛି । ଗଣନାଟ୍ୟର ସହଜ ସରଳ ମନୋରଞ୍ଜନ ଯୋଗଦାନ ଓ ଆକର୍ଷଣୀୟ ଶିକ୍ଷାଦାନ ସୁଲଭତା ଜନସାଧାରଣଙ୍କ ନିକଟବର୍ତ୍ତୀ କରିପାରିଛି । ଜୀବନ ଓ ଜଗତର ଆକର୍ଷଣ ଗଣନାଟ୍ୟକୁ ଆଜି ରଙ୍ଗିନ କରିଦେଇଛି । ■

ଅଧ୍ୟାପକ, ଓଡ଼ିଆ ବିଭାଗ
କେନ୍ଦ୍ରାପଡ଼ା ସାନ୍ଧ୍ୟ ସ୍ନାତକ ମହାବିଦ୍ୟାଳୟ
କେନ୍ଦ୍ରାପଡ଼ା





## ଓଡ଼ିଶାର ପ୍ରମୁଖ ଯାତ୍ରା ଦଳ

ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ରହିଛି ଅନେକ ଯାତ୍ରା ଦଳ ବା ଯାତ୍ରା ପାର୍ଟି । ସେଗୁଡ଼ିକ ମଧ୍ୟରୁ ଯାଜପୁର ଜିଲ୍ଲାର କଳା ମନ୍ଦିର (ସାହାଣୀ ଅପେରା), କୋଣାର୍କ ଗଣନାଟ୍ୟ, ଧଉଳି ଗଣନାଟ୍ୟ, ଜଗତସିଂହପୁର ଜିଲ୍ଲାର ନାରାୟଣୀ ନାଟ୍ୟ ପରିଷଦ (ନିୟତି ଗଣନାଟ୍ୟ), ତୁଳସୀ ଗଣନାଟ୍ୟ, ତ୍ରିନାଥ ଗଣନାଟ୍ୟ, ପାର୍ବତୀ ଗଣନାଟ୍ୟ, ବାଣେଶ୍ୱରୀ ଗଣନାଟ୍ୟ, ଗୌରୀ ଗଣନାଟ୍ୟ, ଅଷ୍ଟଶମ୍ଭୁ ଗଣନାଟ୍ୟ, କଟକ ଜିଲ୍ଲାର ବୀଣାପାଣି କଳାକୁଞ୍ଜ (ତାରପୁର ଅପେରା), ସୁଦାମବତୀ ଅପେରା, ପୁରୀ ଜିଲ୍ଲାର ଉତ୍ତରାୟଣୀ ଅପେରା (ସାତଶଙ୍ଖ ଅପେରା), କଳିଙ୍ଗ ଗଣନାଟ୍ୟ , ଭଦ୍ରକ ଜିଲ୍ଲାର ଓଡ଼ିଶା ଅପେରା, ବାଲେଶ୍ୱର ଜିଲ୍ଲାର ବାଘାଯତୀନ୍ ଗଣନାଟ୍ୟ, ଭୁବନେଶ୍ୱରର ଜନତା ଗଣନାଟ୍ୟ, ଅନୁଗୁଳର ରାଜଶ୍ରୀ ଗଣନାଟ୍ୟ ଆଦି ଯାତ୍ରା ଦଳ ସାରା ଓଡ଼ିଶାରେ ଦର୍ଶକଙ୍କ ହୃଦୟ ଜିଣିବାରେ ସଫଳ ହୋଇଛି ।



## "ପରମ୍ପରା ଓ ନବୀକରଣର ସମନ୍ୱୟରେ ନାଟକ ହୃଦୟକୁ ଛୁଇଁବ"



ଓଡ଼ିଆ ନାଟକ, ଅପେରା, ଯାତ୍ରାର ଜୀବନ୍ତ ପରମ୍ପରାରେ ମୂଳ ରହି, ଖଣ୍ଡଗିରି ମେଳା ଭଳି ଉତ୍ସବରେ ହଜାର ହଜାର ଦର୍ଶକଙ୍କୁ ଆକର୍ଷିତ କରୁଛି । ତଥାପି, ପୃଷ୍ଠପୋଷକତାର ଅଭାବ, ପୁରୁଣା କାହାଣୀ ଓ ଚଳଚ୍ଚିତ୍ର ତଥା ଓଟିଟି ପ୍ଲାଟଫର୍ମର ପ୍ରତିଯୋଗିତା ଏହାର ଅସ୍ତିତ୍ୱକୁ ବିପଦରେ ପକାଉଛି । ଏହାର ଉନ୍ନତି ପାଇଁ ଗୋପୀନାଥ ମହାନ୍ତି ଓ ମନୋଜ ଦାସଙ୍କ ଭଳି ସାହିତ୍ୟିକଙ୍କ ରଚନାକୁ ଅଙ୍ଗୀକାର କରି, ସାମାଜିକ ନ୍ୟାୟ ଭଳି ଆଧୁନିକ ବିଷୟକୁ ସାମିଲ କରିବା ଜରୁରି । ପ୍ରସିଦ୍ଧ ଓଡ଼ିଆ ନାଟ୍ୟକାର କାଳୀଚରଣ ପଟ୍ଟନାୟକ, ମନୋରଞ୍ଜନ ଦାସ, କାଳୀଚରଣ ଓ ମନୋରଞ୍ଜନଙ୍କ ନାଟକଗୁଡ଼ିକ ଦର୍ଶକଙ୍କୁ ଗଭୀର ଭାବନା ଓ ସାମାଜିକ ଚେତନାରେ ଆକୃଷ୍ଟ କରିଛି । ଡିଜିଟାଲ ପ୍ଲାଟଫର୍ମ ଜରିଆରେ ଅଧିକ ଦର୍ଶକଙ୍କ ନିକଟରେ ପହଞ୍ଚି, ଉନ୍ନତ ଭିତ୍ତିଭୂମି ଓ ନୂଆ ପ୍ରତିଭାଙ୍କୁ ସମର୍ଥନ ଦେଇ ଓଡ଼ିଆ ନାଟକ ନୂତନ ଉଚ୍ଚତା ଛୁଇଁପାରିବ । Shakespeareଙ୍କ ଭାଷାରେ,» All the world is a stage,and all the men and women merely players" ପରମ୍ପରା ଓ ନବୀକରଣର ସମନ୍ୱୟରେ, ଓଡ଼ିଆ ନାଟକ ହୃଦୟକୁ ଛୁଇଁ ସାଂସ୍କୃତିକ ଗୌରବ ଫେରାଇ ଆଣିବ । ■

ଗୌତମ ଚରଣ ଜେନା
ନାଟ୍ୟ ଗବେଷକ , ଛଘରିଆ, କେନ୍ଦ୍ରାପଡ଼ା



ଡକ୍ଟର ଅଜୟ କୁମାର ମିଶ୍ର

# ପରମ୍ପରା ପୃଷ୍ଠାରେ ଆଜିର ଯାତ୍ରା

**ଯାତ୍ରା ଓଡ଼ିଶାର ପାରମ୍ପରିକ ଲୋକଜୀବନର ପରମ ସଂପଦ, ଲୋକସଂସ୍କୃତିର ମହାଫର୍ଦ୍ଦ । ଅନେକ ଛୋଟ ଛୋଟ ଜଳଧାରା ମହାନଦୀରେ ପରିଣତ ହୁଅନ୍ତି । ସେମିତି ଅନେକ ଲୋକନାଟ୍ୟ, ଲୋକନୃତ୍ୟ, ଲୋକନାଟକର ମିଳିତ ପ୍ରବାହରେ ସୃଷ୍ଟି ହୋଇ ଯାତ୍ରା ମହାନଦୀର ଚିରସ୍ରୋତା ମହାପ୍ରବାହଟିଏ । ଅତୀତରେ ଯାତ୍ରା ଥିଲା ଲୋକ ମନୋରଞ୍ଜନର ମାଧ୍ୟମରେ ଲୋକଶିକ୍ଷାର ମୁଖ୍ୟ ମାଧ୍ୟମ । ଫଳରେ ମନୋରଞ୍ଜନ ମାଧ୍ୟମରେ ଅନେକ ଗୁରୁତର ଦୃଶ୍ୟ ଭିତରେ ଲୋକଶିକ୍ଷା ପ୍ରଦାନ କରିବା ଥିଲା ଯାତ୍ରାର ମୁଖ୍ୟ ଉଦ୍ଦେଶ୍ୟ ।**

## ବଦଳୁଛି ନାଟକ ଶୈଳୀ

ସମୟ ସହ ତାଳଦେଇ ସଂସ୍କୃତି ବଦଳେ, ସଂସ୍କୃତିର ରୂପରେଖ, ଗୋଟିଏ ଜାତିର ମୁଖପତ୍ର ରୂପେ ଦେଖା ଦେଉଥିବା ନାଟକରେ ଧରା ଦିଏ । ଅତୀତର ଓଡ଼ିଆ ଯାତ୍ରା ଥିଲା ଓଡ଼ିଶାର ମୌଳିକ ସଂପଦ । ଲୋକଗୀତ, ଲୋକନାଟ୍ୟ, ଲୋକବାଦ୍ୟ ସହାୟତାରେ ଲୋକ ମନୋରଞ୍ଜନ ପାଇଁ ଏହା ଥିଲା ଅଭିପ୍ରେତ । ଲୋକସମାଜର ସଂପତ୍ତି ସେଦିନର ଯାତ୍ରା ଆଜି ଲୋକପ୍ରିୟ ସଂସ୍କୃତିର ବାର୍ତ୍ତା ବାଣ୍ଟୁଛି । ବିଭିନ୍ନ ପାରମ୍ପରିକ ପର୍ବପର୍ବାଣି ପାଳନକୁ ଉତ୍ସବ ମୁଖର କରୁଥିବା ରଜ, ଦୋଳ, ଦଶହରା, ଲକ୍ଷ୍ମୀ ପୂଜାଦି ଅବକାଶରେ ଅଭିନୀତ ହେଉଥିଲା, ମାତ୍ର ଗଣପରାବୃତ୍ତ ସଂସ୍କୃତିର ମୁଖପାତ୍ର ସାଜିଥିବା ଆଜିର ଯାତ୍ରା ଗଣନାଟ୍ୟ ଅଭିଧାରେ ଚିହ୍ନିତ ହୋଇ, ବର୍ଷକର ଯେ କୌଣସି ସମୟରେ କେବଳ ବ୍ୟାବସାୟିକ ସଫଳତା ପାଇଁ ଅଭିନୀତ ହେଉଛି ।



## ଯୁବପିଢ଼ିଙ୍କ ପସନ୍ଦ ରେକର୍ଡ ଡ୍ୟାନ୍ସ

ଆଜିର ଯାତ୍ରାରେ ଅଭିନୟ ଗୌଣ, ସାଜସଜ୍ଜା ଅଧିକ । ପୁରାଣ ତଥା ଲୋକପ୍ରିୟ କିମ୍ବଦନ୍ତୀ ଆଧାରରେ ପ୍ରସ୍ତୁତ ନୃତ୍ୟନାଟିକା ଆଜିର ଯାତ୍ରାରେ ରଙ୍ଗାରଙ୍ଗ ମେଲୋଡି ଓ ରେକର୍ଡ ଡ୍ୟାନ୍ସରେ ପରିଣତ ହେଇ ଯଥେଷ୍ଟ ଲୋକପ୍ରିୟତା ସାଉଁଟୁଛି । ମୁଖ୍ୟ ବିଷୟ ଅଭିନୟ ପୂର୍ବରୁ ଏ ପ୍ରକାର ବ୍ୟବସ୍ଥା ଯୁବ ସମାଜକୁ ଉଚ୍ଛୃଙ୍ଖଳିତ କରିଛି । ଆଲକୋହଲିକ୍ ନିଶାରେ ମତୁଆଲା ଯୁବ ଗୋଷ୍ଠୀ ଆବଶ୍ୟକ ସ୍ଥଳେ ଗୋଟିଏ କ୍ୟାମ୍ପର ସବୁଦିନର ଅଗ୍ରିମ ଟିକେଟ୍ କିଣୁଛନ୍ତି । ଏଠି ଲୋକଶିକ୍ଷା ତୁଳିକି ଗଲାଣି, ଗଣ ଉତ୍ତେଜନା ମୁଖ୍ୟ ହୋଇଛି । ସିନେମାର ବିକଳ ଅନୁକରଣ କରି, ସର୍ବନିମ୍ନ ପୋଷାକ ପରିହିତା ଅନେକ ତରୁଣତରୁଣୀଙ୍କ ଯୌନୋଦ୍ଦୀପକ ବେଖାପ ହାତଗୋଡ଼ ହଲାକୁ ରେକର୍ଡ ଡ୍ୟାନ୍ସ କୁହାଯାଉଛି ।

ଆଜିର ଯାତ୍ରାରେ ଅଭିନେତାଙ୍କ ଅଭିନୟ ପ୍ରଶିକ୍ଷଣ ସୀମିତ, ବାହାସ୍ଫୋଟ ଅଧିକ । ଏମିତିକି ଜଣେ ଜଣେ ଅଭିନେତାଙ୍କ ନାମକୁ ଶୀର୍ଷକ କରି ଯାତ୍ରା ନାଟକ ଲେଖାଯାଉଛି । ଏଠି ଲେଖକ ଗୌଣ, ନିର୍ଦ୍ଦେଶକ ମୁଖ୍ୟ । ଆଗରୁ ଗୋଡ଼ ମାପରେ ଜୋତା କିଣା ଯିବା ନ୍ୟାୟରେ ନାଟକ ଲେଖା ଅନୁଯାୟୀ ହେଉଥିଲା । ଏବେ ଜୋତା ମାପରେ ଗୋଡ଼ କାଟିବା ନିୟମରେ, ଅଭିନେତାଙ୍କ ମନମାନିରେ ବିଚରା ଲେଖକ ଗୌଣ ହୋଇଯାଉଛି ।

ପୂର୍ବରୁ ଜଣେ ଜଣେ ସର୍ବଗୁଣ ସଂପନ୍ନ ନାଟ୍ୟଗୁରୁ ଭାବରେ ନାଟକ ରଚନା, ଅଭିନୟ ଶିକ୍ଷା, ନୃତ୍ୟ, ଗୀତ ପ୍ରଶିକ୍ଷଣ କରୁଥିଲେ । ଏବେ ଆଖି, ନାକ, କାନ ପାଇଁ ଅଲଗା ଅଲଗା ଚିକିତ୍ସକ ନ୍ୟାୟରେ ଲେଖକ ଜଣେ, ନିର୍ଦ୍ଦେଶନା ଦେବ ଆଉ ଜଣେ, ଗୀତ ଲେଖିବ ଜଣେ, ସ୍ୱର କରିବ ଜଣେ, ନୃତ୍ୟ ଶିକ୍ଷ ଦେବ ଅନ୍ୟ ଜଣେ । ଆଗରୁ ଅତି ଅଶିକ୍ଷିତ ଅଭିନେତାଙ୍କୁ ଶିକ୍ଷା ଦେବା ବହୁ କଷ୍ଟକର ଥିଲା । ମାତ୍ର ଏବେ ବିଭାଗ ବଣ୍ଟନ ଅନୁଯାୟୀ, ଅଳ୍ପ ସମୟ ଓ ଅଳ୍ପ ଅଭ୍ୟାସରେ ଯାତ୍ରା ଚାଲିଛି । ଏମିତିକି ଦଳର ପ୍ରଯୋଜକମାନେ ଏବେ ଅହଂକାରରେ ବଖାଣୁଛନ୍ତି "ମୋ ପାର୍ଟି ନାଆଁରେ ସବୁ ନାଟକ ଚାଲିବ । ମୋର ଯେ କେହି ଲୋକ ବି କଳାକାର ହେଇଯିବେ । ଏଠି ମୋ ସାଜସଜ୍ଜା, ଲାଇଟ୍ ମାଇକ୍ ନାଚୁଛି । ଅଭିନେତା ଯେମିତି ଡିଆଁ ଝପଟ୍ କଲେ ବି, ମୋ ରେକର୍ଡ ଡ୍ୟାନ୍ସ ପାଇଁ ପାର୍ଟି ଆଗେଇ ଚାଲିଛି ।"

## ଖଳନାୟକ ମୁଖ୍ୟ ଆକର୍ଷଣ

ଆଗରୁ ନାଟ୍ୟକାରମାନେ ଗୋଟାଏ ବୃହତ୍ତର ସମାଜ ଗଠନ କରିବା ପାଇଁ ବହୁ ଚିନ୍ତା କରି ଉତ୍ତମମାନର ନାଟକ ରଚନା କରୁଥିଲେ । ଏଥିରେ ମନୋରଞ୍ଜନ ମାଧ୍ୟମରେ ଲୋକଶିକ୍ଷାକୁ ଗୁରୁତ୍ୱ ଦିଆଯାଉଥିଲା । ଏବେ କିନ୍ତୁ ହିନ୍ଦୀ, ତେଲଗୁ ଚଳଚ୍ଚିତ୍ରର ବିବିଧ ଦୃଶ୍ୟକୁ ନକଲ କରି ନାଟକ ଲେଖା ଚାଲିଛି । ନାଟକୀୟତାଠାରୁ ଯୁକ୍ତି ରହିତ ଅତିନାଟକୀୟତା ଆଣିବାକୁ ସମଧରଣର ପ୍ରଯୋଜନା ଚାଲିଛି । ଆଙ୍ଗିକ, ବାଚିକ, ଆହାର୍ଯ୍ୟ ଓ ସାତ୍ତ୍ୱିକ – ନାଟ୍ୟକଳାର ଏଇ ମୌଳିକତା ଆଜିର ଅଭିନୟରେ ଖୋଜି ବସିବା ନିର୍ବୋଧତା । ଆଜି ପ୍ରାୟ ଯାତ୍ରା ଉଚ୍ଚ ଭାବ ପ୍ରଧାନ, ବାଚିକ ଅଭିନୟର ସୁଷ୍ଠୁତା ଏଠି ଅନୁପସ୍ଥିତ । ଏଠି ଆହାର୍ଯ୍ୟ ଅଭିନୟ ବା ବେଶପୋଷାକ ଅତ୍ୟଧିକ ଚାକଚକ୍ୟ ପ୍ରକାଶ କରେ । ଅତୀତରେ ଯାତ୍ରା ନାୟକପ୍ରଧାନ ଥିବା ବେଳେ, ଆଜିର ଯାତ୍ରା ଖଳନାୟକପ୍ରଧାନ । ଯେଉଁ ଦଳ ଯେମିତି ଖଳନାୟକଙ୍କୁ ଦର୍ଶାନ୍ତି,ସେ ଦଳର ରୋଜଗାର ସେତେ ସଫଳ । ଦର୍ଶକେ ରାତିସାରା କେବଳ ଖଳନାୟକ ଓ ନାୟିକାଙ୍କ ଖଳତ୍ୱ ଦେଖି ବିବ୍ରତ । ସମାଧାନ ଆସିବା ବେଳକୁ ଯାତ୍ରା ଶେଷ ।

ଏକଦା ଚଉଖୁଣ୍ଟିଆ ଛାମୁଡ଼ିଆ ତଳେ ଅଭିନୀତ ହେଉଥିବା ଯାତ୍ରାର ଅଭିନୟ ମଞ୍ଚ ବେଶ୍ ଲମ୍ବ ଓ ପ୍ରଶସ୍ତ । ପ୍ରତିସ୍ଥଳରେ ଆଲୋକର ବିପୁଳରୋଷଣି । ଜଣେ ହାତ ଉଠାଇବା ବେଳେ ଜି କ୍ ଜା କ୍ ଲାଇଟ୍ ପକାଇଲେ, ସେ ଦଶ ଥର ହାତ ଉଠାଇବା ଭଳି ଦେଖାଯାଏ । ଅଧିକାଂଶ ଯାତ୍ରାରେ ହିଂସାଚାର, ସାମାଜିକ ବିରୋଧାଭାସର ଦୃଶ୍ୟ ଅଭିନୀତ । ଏକଦା କଳାକାରର ସ୍ୱାଭିମାନ ଥିଲା, ଏବେ ସେ ଟଙ୍କା ଲୋଭରେ ଯେ କୌଣସି ଇତର ସ୍ତରକୁ ବିନା ଦ୍ୱିଧାରେ ଯାଇପାରୁଛି । ଏହି କେତେ ଦିନ ହେବ ଯାତ୍ରା ପରିଚାଳକ, ପାର୍ଟି ମାଲିକ, ଅଭିନେତା, ଅଭିନେତ୍ରୀମାନଙ୍କ ମାମଲା ଆସି ଦାଣ୍ଡରେ ପଡ଼ି ହାଟରେ ଗଡ଼ଗଡ଼େଇଲାଣି । ନିର୍ଦ୍ଦେଶକ ବା ଯାତ୍ରା ଗୁରୁଙ୍କ ଅବସ୍ଥା ଆଉ ଦୟନୀୟ ।

ଏକଦା ଓଡ଼ିଆ ନାଟ୍ୟକାଳର ସମସ୍ତ ସ୍ୱାଭିମାନଙ୍କୁ ନେଇ ପ୍ରାୟୋଜିତ ହେଉଥିବା ଯାତ୍ରା ସାମାଜିକ ଓ ପାରିବାରିକ ସମସ୍ୟାର ସମାଧାନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଥିଲା । ଏବେ ଜାତୀୟ ସ୍ତରରେ ସବୁ ରାଜ୍ୟରେ ଅଭିନୟ କଳାର ପ୍ରଦର୍ଶନ କରାଗଲେ, ଓଡ଼ିଶାର କୌଣସି ଗୋଟିଏ ବି ଦଳ, ନିଜସ୍ୱ ଯାତ୍ରା ଜାତୀୟ ସ୍ତରରେ ପ୍ରଦର୍ଶିତ ହୋଇପାରିବ ନାହିଁ । କାରଣ ଆମ ଯାତ୍ରା ସମସ୍ତ ମୌଳିକତାକୁ ହରାଇ ସାରିଛି । ଅତୀତର ଘୋର ଅଭାବ ଅନଟନ ଭିତରେ କେବଳ କଳା ପ୍ରଦର୍ଶନ ଥିଲା କଳାକାରଙ୍କ ଉଦ୍ଦେଶ୍ୟ । ମାତ୍ର ଆଜି ଦିନରେ କଳା ଗୌଣ, ଭୋଗ ସ୍ୱର୍ବସ୍ୱ କଳାକାର । ବେତନ ତୁଳନାରେ ତାଙ୍କର ଅବଦାନ କ'ଣ? ଓଡ଼ିଆ ଯାତ୍ରା କଳା ପ୍ରତି ପ୍ରତିବଦ୍ଧତା କ'ଣ??

ତଥାପି ସମସ୍ୟା ପୀଡ଼ିତ ଆଜିର ଯାତ୍ରା ବ୍ୟାବସାୟିକ ଆଭିମୁଖ୍ୟ ମୁଖ୍ୟ, ଉତ୍ତମ ଅଭିନୟ ଗୌଣ । ଏହା ଗଣ ମନୋରଞ୍ଜନ ପାଇଁ ଗଣନାଟ୍ୟ ପାଲଟିଛି । ସେଦିନର ଲୋକନାଟକରୁ ଜନ୍ମ ନେଇଥିବା ଯାତ୍ରା ଏବେ ଲୋକପ୍ରିୟ ସଂସ୍କୃତି ଆଧାରରେ ବଦଳୁଛି । ବଦଳିବା ବି ବାଧ୍ୟ । ଦର୍ଶକୀୟ ନିଷ୍କ୍ରିୟତା ଏଥିପାଇଁ ଦାୟୀ । ସଚେତନତା ଆସିଲେ ଏ ଜାତି ନିଜ ପାଇଁ ମୌଳିକ ଯାତ୍ରା ପ୍ରସ୍ତୁତିରେ ବ୍ରତୀ ହୋଇପାରନ୍ତା । ■

ମିଶ୍ରଘର, ମଧୁପାଟଣା, କଟକ-୧୦
ମୋ: ୯୪୩୭ ୯୨୦୪୯ ୬

ଯାତ୍ରା ଏକ ଲୋକ କଳା, ମଧ୍ୟମ ବର୍ଗଙ୍କ ମନୋରଞ୍ଜନ । ଦେଖିବା ଲୋକ ଓ ପରିବେଷଣ କରିବା ଲୋକ ଯେହେତୁ କୃଷିଜୀବୀ ଥିଲେ, କୃଷି କାର୍ଯ୍ୟକୁ ସୁସମ୍ପାଦନା ସହ ଲୋକେ ଯାତ୍ରାରେ ଯୋଡ଼ି ହେଉଥିଲେ । ଏଣୁ ଯାତ୍ରା ବର୍ଷ ଧାନ ବୁଣା ବୁଣି ପରେ ଅର୍ଥାତ ଜୁଲାଇ ମାସ ଶେଷରେ ଆରମ୍ଭ ହେଇ, ରଜ ପର୍ବ ଅର୍ଥାତ ଜୁନ୍ ମାସ ଅଧା ପର୍ଯ୍ୟନ୍ତ ଚାଲୁଥିଲା । ଜୁଲାଇରୁ ଦେଢ଼ ମାସ ଆଖଡ଼ା ହୁଏ ପରେ ପରେ ଯାତ୍ରା ଗଣେଶ ପୂଜାଠୁ ଆରମ୍ଭ ହୁଏ । ମଝିରେ ମାର୍ଗଶିର ମାସରେ ଅର୍ଥାତ ଡିସେମ୍ବରରୁ ଜାନୁୟାରୀ, ପ୍ରାୟ ମାସେ ଧାନ ଅମଳ ପାଇଁ ଛୁଟି ମିଳେ । ଆଉ ଥରେ ମକର ପର୍ବଠୁ ଯାତ୍ରା ଆରମ୍ଭ ହୁଏ । ଏମିତିରେ ବର୍ଷ ଗଣନା ହେଉଥିଲା ଯାତ୍ରା ପାଇଁ ।


# ଯାତ୍ରା : ସେବେ ଓ ଏବେ




## ନାଟକ ପାଇଁ ପ୍ରସ୍ତୁତି

ଆଜିକାଲି ସବୁ ନାଟକ ପ୍ରାୟତଃ ସାମାଜିକ କଥାବସ୍ତୁକୁ ନେଇ ଆଧାରିତ । ଆଗରୁ ଖଣ୍ଡେ ନାଟକ ପ୍ରସ୍ତୁତି ପାଇଁ ଏକ ମାସ ସମୟ ନେଉଥିବାବେଳେ ଏବେ ତାହା, ସାତ ଦିନରୁ ଦଶ ଦିନରେ ସୀମିତ । ସଂଳାପ ମନେ ରଖିବା, ଅଭିନୟ ମନେ ରଖିବା, ପ୍ରଚ୍ଛଦ ସଂଗୀତ ସଂଯୋଗ ଏ ସବୁ ତରବରିଆ ଭାବେ କରାଯାଉଛି । ଆଖଡ଼ା ଆରମ୍ଭ ନହେଉଣୁ ପାର୍ଟି ବାହାରିବାର ତାରିଖ ଘୋଷଣା କରନ୍ତି ମାଲିକ । ତରବର ହୁଏ ମାଷ୍ଟର କାମ ସରିବାକୁ । ତାପରେ ଥାଏ କଳାକାର । ଭାଗ୍ୟକୁ ନାଟକ ଭଲ ହେଇଗଲେ ମାଲିକ କପାଳିଆ, ମାଷ୍ଟର ଦକ୍ଷ । ସେଥିରେ ପୁଣି ଭଲ ନାଟକ ପାଇଁ ଦର୍ଶକଙ୍କଠୁ ମାଲିକ ଯାଏଁ ଚିତ୍କାର । ସିଧା ଭାବରେ କହିବାକୁ ଗଲେ ଆଜିର ଆଖଡ଼ା ଘର ଭଲ ଭାବରେ ସଜା ହେଇଥିବା ଗୋଟେ ଶୋ' ରୁମ୍, ଭିତରେ ଯା' ମାଲିକ ଯାଏଁ ଚିତ୍କାର । ସିଧା ଭାବରେ କହିବାକୁ ଗଲେ ଆଜିର ଆଖଡ଼ା ଘର ଭଲ ଭାବରେ ସଜା ହେଇଥିବା ଗୋଟିଏ ଶୋ' ରୁମ୍, ଭିତରେ ଯାହା ଥାଏ ସବୁ... ।

ଆଖଡ଼ା ଘରକୁ ଯାତ୍ରା କମିଟି ଆସେ, ନାଟକ ଆଖଡ଼ା ଦେଖେ । ପସନ୍ଦ କରେ ବା ନକଲେ ବି ପରିଚାଳକ ମାଲିକଙ୍କ ମୁହଁ ଦେଖି, କଳାକାରଙ୍କ ଚେହେରା ଦେଖି ଅଗ୍ରିମ ଦିଏ । ଆଜିର ଆଖଡ଼ା ଘର କହି ପାରେ କେଉଁ ନାଟକ ହିଟ୍ କେଉଁ ନାଟକ ଫ୍ଲପ୍ । ଆଖଡ଼ା ଘରେ ଦର୍ଶକ ନାଟକ ଦେଖୁଥିବା ନାଟକ ସୁପରହିଟ୍ ହୁଏ । ଆଜିକାଲି ଭାଇରାଲ୍ ନାଟକ ବି ଆଖଡ଼ା ଘରର ଆକଳନକୁ ଭୁଲ ପ୍ରମାଣିତ କରେ । ମୋଟାମୋଟି ଆଖଡ଼ା ଘରେ ବ୍ୟବସାୟଠୁ ନାଟକ ଶିକ୍ଷା ସବୁ ଚାଲେ ଏକମାସ ଧରି ।





ହର ବାରିକ

## ବଦଳୁଛି ଆଖଡ଼ା ଶୈଳୀ




ପୂର୍ବରୁ ଆଖଡ଼ା ଘର ମାଷ୍ଟ୍ରେଙ୍କ କଣ୍ଟ୍ରୋଲରେ ଥିଲା । ଯାହାଙ୍କୁ ଆମେ ଅନ୍ୟ ଭାଷାରେ ଓସ୍ତାଦ କହିବା । ମାଷ୍ଟ୍ରେ ସବୁ ଜାଣିଥିଲେ । ନାଚ ଗୀତଠୁ ଆରମ୍ଭ କରି ଅଭିନୟ ଶିକ୍ଷା ଯାଏଁ । ସବୁ କଳାକାର ଗଳା ରିଆଜଠୁ ନୃତ୍ୟ ଶିକ୍ଷା ଯାଏଁ ସବୁଦିନ ସକାଳେ ସଞ୍ଜରେ କରୁଥିଲେ । ମାଷ୍ଟ୍ରେ ତାଙ୍କୁ ନାଟକ ଶିକ୍ଷା ଦେଉଥିଲେ । ପୌରାଣିକ, ଐତିହାସିକ, କାଳ୍ପନିକ ବିଷୟବସ୍ତୁ ଉପରେ ନାଟକ କରିବାକୁ କଳାକାରଙ୍କୁ କଠିନ ପରିଶ୍ରମ କରିବାକୁ ପଡୁଥିଲା । ବିଭିନ୍ନ ଭାଷାର ନାଟକ, ମାଷ୍ଟ୍ରେ ଓଡ଼ିଆ ଭାଷାରେ ଅନୁବାଦ କରି କଳାକାରଙ୍କୁ ଶିଖାଉଥିଲେ । ସେ ସମୟ ବଦଳିଗଲା । ଧୀରେ ଧୀରେ ଥିଏଟର ଓ ସିନେମାର ଅଭିଜ୍ଞ ମାଷ୍ଟର ସବୁ ଆଖଡ଼ା ଘରକୁ ଆସିଲେ । ଅନ୍ୟ ଭାଷାର ବା ହିନ୍ଦୀ ଚଳଚ୍ଚିତ୍ରର କାହାଣୀ ଆଧାରରେ ନାଟକ ପ୍ରସ୍ତୁତ ହେଲେ ବି ତରିକା ବଦଳିଲା । ଯାତ୍ରା ନାଟକରେ ଥିଏଟରର ଯୁଗଳବନ୍ଦୀ ହେଲା, ଲୋକେ ଗ୍ରହଣ ବି କଲେ । ଆଜିର ଆଖଡ଼ାଘର ଅତି ଚମତ୍କାର । ଯାତ୍ରା ସହ ଆହୁରି ଅନେକ କିଛି ଯୋଡ଼ି ହେଇ ଯାଇଛି ମନୋରଞ୍ଜନ ପାଇଁ । ରେକର୍ଡ ଡ୍ୟାନ୍ସ, ମେଲୋଡି, ଆଧୁନିକ ଲାଇଟ, ସାଉଣ୍ଡ, ଏଲ୍.ଇ.ଡି ସ୍କ୍ରିନ୍ ଇତ୍ୟାଦି । ପୁଣି କେହି କେହି ରୋବୋଟିକ୍ ଡଗ୍‌ଠୁ ଘୋଡ଼ା ଯାଏଁ ଯୋଡ଼ିଲେଣି ନିଜ ଯାତ୍ରା ଦଳରେ । ଯେମିତି ଭଳିକି ଭଳି ବ୍ୟବସ୍ଥା ସେମିତି ଭଳିକି ଭଳି ମାଷ୍ଟର ଦେଖିବାକୁ ମିଳୁଛନ୍ତି ଆଖଡ଼ାଘରେ । ଲେଖକ, ନିର୍ଦ୍ଦେଶକ, ସଂଗୀତ ନିର୍ଦ୍ଦେଶକ, ନୃତ୍ୟ ନିର୍ଦ୍ଦେଶକ, ରେକର୍ଡ ଡ୍ୟାନ୍ସ ମାଷ୍ଟର ପ୍ରମୁଖ ।

## ଯାତ୍ରା ଅବଧି

ବର୍ତ୍ତମାନ ଦର୍ଶକଙ୍କଠୁ କଳାକାରଙ୍କ ଜୀବନ ଶୈଳୀ ବଦଳିଗଲା ପରେ ଜୁନ୍‌ରୁ ଜୁନ୍ ଯାତ୍ରା ବର୍ଷ ଧରାଯାଉଛି । ଚାଷ ବାସରେ କଳାକାରର ସଂଯୋଗ ନାହିଁ କି ଦର୍ଶକର ନାହିଁ । ଆଧୁନିକ ଚାଷ ପ୍ରଣାଳୀ, ତମ୍ବୁ ତଳର ସବୁଦିନିଆ ନାଟକ ପରିବେଷଣ, ସିଜିନ୍ ଅନୁଯାୟୀ ସ୍ଥାନ ନିରୂପଣ ଯାତ୍ରାକୁ ବାରମାସିଆ ମନୋରଞ୍ଜନରେ ବଦଳେଇ ସାରିଛି । ଆଗରୁ ଆଠ ନଅ ମାସ ପରିବେଷଣରେ ସୀମିତ ଥିବା ଯାତ୍ରା ଦୁଇ ମାସ ଆଖଡ଼ାକୁ ମିଶେଇ ଦଶ ମାସ ଥିବାବେଳେ, ଏବେ ତିନିଶହ ଦିନ ଯାତ୍ରା ପାରିବେଷଣ ଓ ଦେଢ଼ ମାସ ଆଖଡ଼ା ମିଶି ଏଗାର ମାସ ପନ୍ଦର ଦିନ । ଛୁଟି ବର୍ଷକୁ ଅତି ବେଶିରେ ପନ୍ଦର ଦିନ ହୁଏ କି ନହୁଏ ।





## ଯାତ୍ରା ନାଟକ ଓ ଦର୍ଶକ
## କାଲିର, ଆଜିର

ସେଦିନର ‘ତଅପୋଇ’ ଆଜିର ‘ଅଧା ରାତିର ସାଥି’ ଉଭୟ ନାଟକ ସୁପରହିଟ୍ । ସେତେବେଳେ ‘ତଅପୋଇ’ ପାଇଁ ଦର୍ଶକ ପାଗଳ ହେଉଥିଲେ ଆଜି ‘ଆଧା ରାତିର ସାଥି’ ଭଳି ନାଟକ ପାଇଁ । ସେ ସମୟର ନାଟକ, ବିଷୟବସ୍ତୁ, ଦର୍ଶକ - ସମସ୍ତେ ନିଜ ନିଜ ଜାଗାରେ ଠିକ୍ ଥିଲେ । ଆଜି ବି ଦର୍ଶକ, ନାଟକ, ବିଷୟବସ୍ତୁ ନିଜ ଜାଗାରେ ଠିକ୍ । ଗଲାକାଲି ନାଟକ ପୂର୍ବରୁ ମାଙ୍ଗଳିକ ବାଦ୍ୟ, ସମବେତ ଯନ୍ତ୍ର ସଂଗୀତ, ନୃତ୍ୟନାଟିକା ତା’ପରେ ନାଟକ ପରିବେଷଣ । ଗୋଟିଏ ବିଷୟ ବାର ବାର ଦେଖୁଥିଲେ ବି ପୁଣି ଦେଖିବାକୁ ମନ କରୁଥିଲା ଦର୍ଶକ । କାହାଣୀ ପୌରାଣିକ ବା ଐତିହାସିକ ଥିଲା, ଜଣାଶୁଣା କାହାଣୀ ପୁଣି ଦେଖିବାକୁ ଇଚ୍ଛା । କେବେ କଳାକାରର ନିଖୁଣ ଅଭିନୟ ଦର୍ଶକଙ୍କୁ ପାଗଳ କରୁଥିଲା ତ କେବେ କାଳଜୟୀ କାହାଣୀ । କେଉଁ ଯାତ୍ରା ଦଳ ତା ରାଜା ପାଇଁ ଲୋକପ୍ରିୟ ଥିଲା ତ କିଏ ତା ବାଜା ପାଇଁ । ଏବେ ସେଇ କଥା ଅଛି । କେଉଁ ନାୟକ ପାଇଁ କେଉଁ ଅନୁଷ୍ଠାନର ଚର୍ଚ୍ଚା ବଢ଼ିଛି ତ କେଉଁ ନାୟକ ବା ଖଳନାୟକଙ୍କ ପାଇଁ । ଏ. ସି. ଟେଣ୍ଟ କରି କେଉଁ ଅନୁଷ୍ଠାନ ଦର୍ଶକଙ୍କୁ ଆକର୍ଷିତ କରିଛି ତ ଆଉ କିଏ ଆଧୁନିକ ଲାଇଟ୍, ସୁଦୃଶ୍ୟ ଗେଟ୍ ପାଇଁ । ଆଉ କେବେ କେବେ ଆଇଟମ୍ ଗର୍ଲଙ୍କୁ ଯାତ୍ରା ମଞ୍ଚରେ ନଚେଇ ରୋଜଗାର ସାଙ୍ଗକୁ ପାର୍ଟି ସବୁ ଚର୍ଚ୍ଚାରେ ରହୁଛନ୍ତି ।

ଏବେ ଅଭିଯୋଗ ହୁଏ କି ବିଷୟବସ୍ତୁ ବା ନାଟକ ଦର୍ଶକଙ୍କୁ ବାନ୍ଧି ପାରୁନି । ତା’ର ଅନେକ କାରଣ ହିଁ ଅଛି । ପାଖାପାଖି ନାଟକ ଆରମ୍ଭ ସମୟ ରାତି ବାରଟା । ଦୁଇ ଘଣ୍ଟା ପାଖାପାଖି ରେକର୍ଡ ଡ୍ୟାନ୍ସ ମେଲୋଡି ପରେ ନାଟକ ଆରମ୍ଭ ସମୟ ରାତି ଦୁଇଟା । ଯାହା ଦର୍ଶକର ଅବସ ମନକୁ ନାଟକ ଦେଖିବା ପାଇଁ ଅମନଯୋଗୀ କରେ । ଏ କଥାକୁ ମଧ୍ୟ ଅସ୍ୱୀକାର କରାଯାଇ ନ ପାରେ କି ମାଲିକ, ପରିଚାଳକମାନଙ୍କର ଯତ୍ନଶୀଳତାର ଅଭାବ ଓ ନାଟ୍ୟକାର ନିର୍ଦ୍ଦେଶକମାନଙ୍କର ପୂର୍ଣ୍ଣ ପ୍ରସ୍ତୁତିର ଅଭାବ ଆଉ ଅନେକ ସମୟରେ ନାଟକଠୁ ଦର୍ଶକ ମୁହଁ ଫେରେଇବା ପାଇଁ ଦାୟୀ । ଆଉ ସବୁଠୁ ବଡ଼ ସମସ୍ୟା କଳାକାରର ଖାମଖିଆଲ ପ୍ରସ୍ତୁତି । ବିଭିନ୍ନ କାରଣରୁ କଳାକାର ନିଜ ଚରିତ୍ର ବୁଝି ଅଭିନୟ କରିବାକୁ ରାଜି ନଥାଏ । ଏମିତି ବି କଳାକାର ଅଛନ୍ତି, ଯିଏ ଜୀବନ ସାରା ଗୋଟିଏ ଅଭିନୟ କରନ୍ତି । ନାଟକ ଶିଖିବାକୁ ସ୍ୱଳ୍ପ ସମୟ ବି ଭଲ ନାଟକ ନହେବାର ପ୍ରମୁଖ କାରଣ । ଅଳ୍ପ ସମୟରେ ଅଧିକ ନାଟକ ଲେଖିବା ବି ଅନ୍ୟ ଏକ କାରଣ ଭଲ ନାଟକ ନହେବା ପାଇଁ ।

## ଆଖଡ଼ା ଘର

ଆଖଡ଼ା ପାଇଁ ଘର ଦରକାର । ଅଭ୍ୟାସ ଘରଟି ନିହାତି ଲମ୍ବା ଓସାର ହେବା ଜରୁରି ଅତି କମ୍‌ରେ ତିରିଶ ଫୁଟ୍‌ରେ କୋଡ଼ିଏ ଫୁଟ୍‌ର ଘର ଆବଶ୍ୟକ ପଡ଼େ । ଆଗେ ସବୁ ଯାତ୍ରା ଦଳର ଆଖଡ଼ା ଘର ଥିଲା । ତାହା ପାର୍ଟିର କାର୍ଯ୍ୟାଳୟ ଭାବରେ ବର୍ଷ ସାରା କାମ କରୁଥିଲା । କମିଟି ସେଇ ଠିକଣାକୁ ଆସୁଥିଲେ । ସମୟ କ୍ରମେ କର୍ପୋରେଟ୍ ଷ୍ଟାଇଲ୍‌ରେ ଯାତ୍ରାକୁ ଆପଣେଇ ଥିବା ପ୍ରଯୋଜକ, ନିଜ ଅଫିସ୍‌କୁ କାର୍ଯ୍ୟାଳୟ କରି, ଟେଣ୍ଟରେ ଅସ୍ଥାୟୀ ଆଖଡ଼ା କଲେ । ଦୁଇ ଚାରୋଟି ଅନୁଷ୍ଠାନକୁ ବାଦ୍ ଦେଲେ ସବୁ ଯାତ୍ରା ଅନୁଷ୍ଠାନର ଆଖଡ଼ା ଘର ଏବେ ଅସ୍ଥାୟୀ ବା ତମ୍ବୁ ତଳେ । କେଉଁଠି ନାଁ କେଉଁଠି ନୂଆ ନୂଆ ସ୍ଥାନରେ । ଅଧିକାଂଶ ଆଖଡ଼ା ଘରର ସ୍ଥାୟୀ ଠିକଣା ନାହିଁ, ଯଦିଓ ଅଫିସ୍ ଠିକଣା ସ୍ଥାୟୀ । ଅସ୍ଥାୟୀ ଆଖଡ଼ା ଘର ହେଲେ ବି, ଯେମିତି ଆଖଡ଼ା ପାଇଁ ତମ୍ବୁ ବା ଟେଣ୍ଟ ବ୍ୟବସ୍ଥା ସେମିତି କଳାକାର ରହିବାକୁ ଆଖ ପାଖରେ ଘର ସବୁ ଭଡ଼ାରେ ନିଆଯାଏ ଆଖଡ଼ା ସମୟରେ, ବେଳେ ବେଳେ ହୋଟେଲ ବି । କିନ୍ତୁ ସ୍ଥାୟୀ ଆଖଡ଼ା ଘର ଉତ୍ତମ ବ୍ୟବସ୍ଥା ବୋଲି ଚର୍ଚ୍ଚା ହୁଏ । କେହି କେହି ମାଲିକ ଆଖଡ଼ା ଘର କରିବା ଏକ ବ୍ୟୟ ବହୁଳ ବ୍ୟବସ୍ଥା ଓ ଆଖଡ଼ା ପରେ ସେ ଘର ବର୍ଷ ସାରା ଖାଲି ପଡ଼ିବ ବୋଲି ସେଥିରେ ମନ ଦିଅନ୍ତି ନାହିଁ । ଏହା ବ୍ୟାବସାୟିକ ଦୃଷ୍ଟିକୋଣରୁ ଠିକ୍ ବୋଲି ମଧ୍ୟ କେହି କେହି କହିଥାନ୍ତି ।

## କଳାକାରଙ୍କ ଦରମା
## ଏବେ ବି ଲୁଚାଚୋରା

ଯାତ୍ରା କଳାକାର ବହୁତ ଦରମା ନିଅନ୍ତି ବୋଲି ଚର୍ଚ୍ଚା ହୁଏ । ନିକଟ ଅତୀତରେ ଟେଲିଭିଜନରେ ନିଜେ ଆଗ ଧାଡ଼ିର କଳାକାର ବସି ନିଜର ଦରମା କେତେ କହିଲେ । କାହାର ବାର୍ଷିକ ୫୦ ଲକ୍ଷ ଉପରେ ତ କାହାର କୋଟିଏ ପାଖରେ । କିଏ ବର୍ଷକ ଦରମା ଗୋଟିଏ ବର୍ଷ ଆଗରୁ ଅଗ୍ରିମ ଆକାରରେ ନେଉଛି ତ କିଏ ଏକା ବେଳେ ଦୁଇ ତିନି ବର୍ଷ ପାଇଁ ଦରମା ଅଗ୍ରିମ ଆକାରରେ ନେଉଛି । ଏତେ ପଇସା ଏକା ବେଳେ ଦେବା ବେଳେ ମାଲିକ କେମିତି ଦିଅନ୍ତି, କେଉଁ ବିଧି ବିଧାନ ମାନନ୍ତି, କେଉଁ ଧାରାରେ ନିଅନ୍ତି ତାହା ଅନ୍ଧାରରେ । ଯେଉଁ କଳାକାର ନିଅନ୍ତି, କେମିତି ନିଅନ୍ତି ହାତରେ ନା ଖାତାରେ, ଚେକ୍ ନା ନଗଦ, ଏଗ୍ରିମେଣ୍ଟ କେମିତି ହୁଏ, ତାହା କେତେ ଠିକ୍ ସେ କଥା କେହି ଜାଣେନି । ବେଳେ ବେଳେ ସେମାନଙ୍କ ଝଗଡ଼ା ଗଣମାଧ୍ୟମକୁ ଆସିଲେ ଲୋକେ ଜାଣନ୍ତି, ଚର୍ଚ୍ଚା କରନ୍ତି ।







କୋଟି କୋଟି ଟଙ୍କା ନେଣଦେଣ ହେଉଥିବା ଏ ପନ୍ଥା ଲୋକ ନାଟକର ଖୋଳପା ପିନ୍ଧି ଏବେ ବି ସରକାରଙ୍କଠୁ ସାଧାରଣ ଜନତା ଯାଏଁ, ସବୁଠୁ ସହାନୁଭୂତି ଗୋଟେଇ ମୁଷ୍ଟିମେୟ ଲୋକଙ୍କୁ ବେଶ୍ ଫାଇଦା ଦେଇ ଚାଲିଛି । ଯେଉଁଠି ଅନ୍ୟ କଳାକାର ବା କର୍ମଚାରୀ ଆର୍ଥିକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । କଳାକାରଙ୍କର ଏହି ଅବ୍ୟବସ୍ଥିତ ଦରମା ନେଣ ଦେଣ କାହାକୁ ସୁହଉ ନସୁହଉ ମାଲିକ ଓ କଳାକାରଙ୍କୁ ବୋଧହୁଏ ବେଶି ସୁହାଏ । ସରକାର ବି ଅନୁରୂପ ଚୁପ୍ । ମୁଣ୍ଡ ପୂରେଇଲେ କାଳେ ମୁଣ୍ଡ ବିନ୍ଧିବ, ତେଣୁ ଯାତ୍ରାର ଅବ୍ୟବସ୍ଥିତ ଦିଗକୁ ନେଇ ସରକାର ନିଦା ବିଷ୍ଣୁ ଅବତାରରେ ବୋଲି ଆଲୋଚନା ହୁଏ ।

ନାନା ବାଦ ବିବାଦ, ଅଭାବ ଅସୁବିଧା ସତ୍ତ୍ୱେ ତଥାପି ଦିନକୁ ଦିନ ଯାତ୍ରାର ଚାହିଦା ବୃଦ୍ଧି ପାଇବାରେ ଲାଗିଛି । ଯାହା ଯାତ୍ରା ଜଗତ ପାଇଁ ଶୁଭଙ୍କର ନିଶ୍ଚୟ । ■

ମୋ: ୯୯୩୮୦୮୬୮୫୬

## ଦର୍ଶକଙ୍କ ମନୋରଞ୍ଜନ କରିବେ କିନ୍ନର

ଏକଦା ଓଡ଼ିଶାର ଗଣନାଟ୍ୟ ପରମ୍ପରାରେ କିନ୍ନର ବା ତୃତୀୟଲିଙ୍ଗୀମାନେ ଥିଲେ ପ୍ରମୁଖ ଅଙ୍ଗ । ରକ୍ଷଣଶୀଳ ସମୟରେ ମହିଳାମାନଙ୍କୁ ରଙ୍ଗମଞ୍ଚରେ ଅଭିନୟ ବାରଣ ଥିବାରୁ ଉଭୟ ମହିଳା ଓ ପୁରୁଷ ଭୂମିକାରେ ଏମାନେ ଜୀବନ୍ତ ଅଭିନୟ କରି ଦର୍ଶକଙ୍କ ମନୋରଞ୍ଜନ କରୁଥିଲେ । ସମୟ ସ୍ରୋତରେ ଲୋକଙ୍କ ମାନସିକତା ବଦଳିବା ସହିତ ସମାଜରେ ସେମାନେ ହୋଇଗଲେ ଅପାଂକ୍ତେୟ । କିନ୍ତୁ ଏବେ ସମୟ ପୁଣି ଥରେ କଡ଼ ଲେଉଟାଇଛି । କିନ୍ନରମାନଙ୍କ ପ୍ରତି ଥିବା ସାମାଜିକ ଦୃଷ୍ଟିକୋଣରେ ପରିବର୍ତ୍ତନର ସମ୍ଭାବନା ସୃଷ୍ଟି ହୋଇଛି । ଏଥିସହିତ ସେମାନଙ୍କ ରୋଜଗାରର ଏକ ବଳିଷ୍ଠ ମାଧ୍ୟମ ମଧ୍ୟ ଉନ୍ମୁକ୍ତ ହୋଇଛି । କାରଣ ଯାତ୍ରା ଜଗତରେ ପାଦ ଥାପିଛନ୍ତି କିନ୍ନର । ପ୍ରଥମ ଥର ଓଡ଼ିଶାର ଯାତ୍ରା ମଞ୍ଚରେ ନାୟିକା, କମେଡିଆନ୍, ଖଳନାୟିକା ଆଦି ବିଭିନ୍ନ ଭୂମିକାରେ ଦର୍ଶକଙ୍କୁ ମନୋରଞ୍ଜନ କରିବେ ତୃତୀୟଲିଙ୍ଗୀ ।

ଦିନକୁ ଦିନ ଯାତ୍ରାର ଚାହିଦା ବଢ଼ିବାରେ ଲାଗିଛି । ଅତ୍ୟାଧୁନିକ ପେଣ୍ଡାଲ, ଆକର୍ଷଣୀୟ ରଙ୍ଗିନ ଆଲୋକ ସଜ୍ଜା, ଯାତ୍ରାରେ ରୁପେଲି ପରଦାର କଳାକାରଙ୍କ ଅଭିନୟ ଦର୍ଶକଙ୍କୁ ଆକୃଷ୍ଟ କରିବାରେ ଲାଗିଛି । ଏବେ ଯାତ୍ରା ଜଗତରେ ପାଦ ଥାପିଛନ୍ତି କିନ୍ନର ବା ତୃତୀୟଲିଙ୍ଗୀମାନେ । ସେମାନଙ୍କ ଅଭିନୟର ଯାଦୁ ମଞ୍ଚ ଉପରେ ଦର୍ଶକମାନେ ଦେଖିବାକୁ ପାଇପାରିବେ । ସେହିପରି ଆଗାମୀ ଦିନରେ ଯାତ୍ରା ମଞ୍ଚରେ ରୋବୋଟିକ୍ ଡଗ୍ ଜଲୱା ଦେଖାଇବ । ଯାତ୍ରାର ଲୋକପ୍ରିୟତା ବୃଦ୍ଧି ପାଉଥିବାରୁ ନୂଆ ନୂଆ ଯାତ୍ରା ଦଳ ଗଠନ କରାଯାଉଛି । ଏକଦା ଯିଏ ୫୦ ଟଙ୍କା ନେଇ ଆଇଟମ୍ ଡ୍ୟାନ୍ସ କରୁଥିଲେ, ଏବେ ସେ ୫ କୋଟି ଟଙ୍କାର ମାଲିକାଣୀ ହୋଇପାରିଛନ୍ତି । ଯାତ୍ରା ଜଗତର ଏଭଳି କିଛି କଥାକୁ ନେଇ ପ୍ରସ୍ତୁତ ଏଇ ସ୍ୱତନ୍ତ୍ର ଉପସ୍ଥାପନା ।





# ଯାତ୍ରା ଜଗତରେ କିନ୍ନର

ସୁମିତ୍ରା ସାହୁ, ଭୁବନେଶ୍ୱର

## ଯାତ୍ରାରେ କିନ୍ନର ସ୍ନେହାଶ୍ରୀ

ନିଜର ଶାରୀରିକ ଓ ମାନସିକ ପରିବର୍ତ୍ତନ ପାଇଁ ପରିବାରଠାରୁ ଦୂରରେ ରହିବାକୁ ବାଧ୍ୟ ହୋଇଥାନ୍ତି ତୃତୀୟ ଲିଙ୍ଗୀମାନେ । ନିଜର ସ୍ୱତନ୍ତ୍ର ପରିଚୟ ତିଆରି କରିବାକୁ ଏମାନେ କେତେ ଯେ କଷ୍ଟ ଯନ୍ତ୍ରଣାକୁ ସମ୍ନା କରିବାକୁ ପଡ଼ିଥାଏ, ତାହା ଯେକୌଣସି ବ୍ୟକ୍ତିଙ୍କୁ ବ୍ୟଥିତ କରିବ ନିଶ୍ଚୟ । ସେହିପରି ଜଣେ କିନ୍ନର ହେଉଛନ୍ତି ସ୍ନେହାଶ୍ରୀ । ଯେଉଁ ବୟସରେ ହସଖୁସିରେ ଦିନ କାଟିବା କଥା ସେହି ବୟସରେ ସମସ୍ତଙ୍କ ଟାହିଟାପରାରୁ ବଞ୍ଚିତ ହେବାକୁ ମୁହଁ ଲୁଚାଇବାକୁ ପଡୁଥିଲା । ଯନ୍ତ୍ରଣା ଜର୍ଜରିତ ଜୀବନରେ ପ୍ରତିଟି ମୁହୂର୍ତ୍ତରେ ସେ ସମସ୍ତଙ୍କ ଭିତରେ ଆପଣାପଣକୁ ଖୋଜୁ ଖୋଜୁ କିନ୍ନର ସମାଜ ତାଙ୍କ ପାଇଁ ପାଲଟିଗଲା ଶେଷ ଠିକଣା । ତଥାପି ସରିନଥିଲା ସଂଘର୍ଷ । ଜୀବନର ପ୍ରତିଟି ମୋଡ଼ରେ ତାଙ୍କୁ ସଂଘର୍ଷ କରିବାକୁ ପଡୁଥିଲେ ବି ସେ ହାର ମାନି ନାହାନ୍ତି । ନିଜର ଇଚ୍ଛାଶକ୍ତି ଓ ଦୃଢ଼ ମନୋବଳ ପାଇଁ ସେ ସଫଳତାର ପାହାଚରେ ପାଦ ଦେଇଛନ୍ତି । ଯାତ୍ରା 'ନାଟ୍ୟମଣ୍ଡପ'ରେ ନିଜ ଅଭିନୟର ଜଲୱା ଦେଖାଇବେ ସ୍ନେହାଶ୍ରୀ । ଏଥିପାଇଁ ଆରମ୍ଭ ହୋଇଛି ରିହଲସେଲ୍ । ଆସନ୍ତା ଅଗଷ୍ଟ ମାସରୁ ଓଡ଼ିଶାର ବିଭିନ୍ନ ସ୍ଥାନରେ 'ନାଟ୍ୟମଣ୍ଡପ' ଦ୍ୱାରା ପରିବେଷିତ ହେବାକୁ ଥିବା ନାଟକରେ ନାୟିକା ଭାବେ ନଜର ଆସିବେ ସ୍ନେହାଶ୍ରୀ । ନାଟ୍ୟମଣ୍ଡପର ଅନୁସନ୍ଧାନ ନାଟକ 'ଲେଡି ଗ୍ୟାଙ୍ଗଷ୍ଟାର'ରେ ଦେଖିବାକୁ ମିଳିବ ତାଙ୍କର ନିଖୁଣ ଅଭିନୟ । ଏନେଇ ସ୍ନେହାଶ୍ରୀ କହିଛନ୍ତି, "ପିଲାଦିନରୁ ମୋର ସ୍ୱପ୍ନ ଥିଲା ଅଭିନୟ କରିବା । ହେଲେ ସୁଯୋଗ ପାଇନଥିଲି । ନିକଟରେ ମୋର ଏକ ମ୍ୟୁଜିକ ଭିଡିଓ ରିଲିଜ୍ ପରେ ଏବେ ଯାତ୍ରାରେ କାମ କରିବାର ସୁଯୋଗ ମିଳିଛି । ଯେଉଁ ପାରିଶ୍ରମିକ ମିଳିବ, ସେଥିରୁ କିଛି ଅର୍ଥ ଗରିବ ଲୋକଙ୍କୁ ସାହାଯ୍ୟ ଏବଂ ମେଧାବୀ ଛାତ୍ରଛାତ୍ରୀଙ୍କ ପାଠପଢ଼ା ପାଇଁ ଖର୍ଚ୍ଚ କରିବାକୁ ଲକ୍ଷ୍ୟ ରଖିଛି ।"

## ଯାତ୍ରାରେ ଧୁମ୍ ମଚାଇବେ କିନ୍ନର

ସ୍ନେହାଶ୍ରୀ କେବଳ ନୁହଁନ୍ତି, ଗତବର୍ଷ ପ୍ରଥମେ ଯାତ୍ରା ଜଗତରେ ପାଦ ଥାପିଥିଲେ ରାଣୀ କିନ୍ନର । ପିଲାଦିନରୁ ତାଙ୍କର ଅଭିନୟ ପ୍ରତି ଦୁର୍ବଳତା ରହିଥିବା ସହ ତାଙ୍କର ସୁନ୍ଦରତାକୁ ନେଇ ଚାରିଆଡ଼େ ଚର୍ଚ୍ଚା ହୁଏ । ତାଙ୍କର ଫିଗର୍ ଓ ସୌନ୍ଦର୍ଯ୍ୟକୁ ଦେଖି ସେ କୌଣସି ଅଭିନେତ୍ରୀ ଠାରୁ କମ୍ ନୁହଁନ୍ତି ବୋଲି ସମସ୍ତେ କହୁଥିବା ବେଳେ ତାହାକୁ ସେ ବାସ୍ତବରେ ପରିଣତ କରିଛନ୍ତି । ଗତବର୍ଷ ପ୍ରଥମ କରି ସେ ଯାତ୍ରା 'ଓମ୍‌ଶ୍ରୀ ନାଟ୍ୟ ମନ୍ଦିର'ରେ ଅଭିନୟ କରିଥିଲେ । ତାଙ୍କ ହୃଦୟସ୍ପର୍ଶୀ ଅଭିନୟକୁ ଦର୍ଶକ ବେଶ୍ ପ୍ରସଂଶା କରିଥିଲେ । ଚଳିତ ବର୍ଷ 'ତପସ୍ୟା' ରଙ୍ଗମଞ୍ଚରେ ଓଡ଼ିଶାର ଦର୍ଶକଙ୍କୁ ଭେଟି ଦେବେ ୩ଟି ନାଟକ । ପୂର୍ବରୁ ତାଙ୍କୁ ନାୟିକା ଭୂମିକାରେ ବେଶ୍ ଲୋକପ୍ରିୟତା ମିଳିବା ପରେ ଚଳିତ ବର୍ଷ ମୁଖ୍ୟ ନାୟିକା ଭାବେ ମଞ୍ଚ ଉପରେ ଦର୍ଶକଙ୍କ ମନୋରଞ୍ଜନ କରିବେ । ନିଜର ଦୀର୍ଘଦିନର ସ୍ୱପ୍ନ ପୂରଣ କରିବା ସହ କିନ୍ନର ନିହାରିକା, କିନ୍ନର ଲୁସିଙ୍କୁ ମଧ୍ୟ ଏଥିପାଇଁ ପ୍ରଶିକ୍ଷଣ ଦେଉଛନ୍ତି । ସେମାନେ ମଧ୍ୟ ଏଥର ମଞ୍ଚରେ ଅଭିନୟର ଯାଦୁ ଦେଖାଇବେ । ଏହାଦ୍ୱାରା କିନ୍ନରମାନେ ଆର୍ଥିକ କ୍ଷେତ୍ରରେ ସ୍ୱାବଲମ୍ବୀ ହେବା ସହ ସମାଜ ପାଇଁ ଉଦାହରଣ ପାଲଟିବେ ବୋଲି ରାଣୀ କହିଛନ୍ତି ।


ରାଣୀ




ଲୁସି


ନିହାରିକା



## "ମହିଳା ନାୟିକାଙ୍କଠାରୁ କିନ୍ନରମାନେ କମ୍ ନୁହଁନ୍ତି"

ଅଭିନୟ ଜଗତରେ କିନ୍ନରମାନେ ଉଦାହରଣ ପାଲଟିବେ । ସମାଜରେ ଲୋକମାନଙ୍କର କିନ୍ନରଙ୍କ ପ୍ରତି ରହିଥିବା ଭେଦଭାବ ଦୂର ହେବ । ଅଭିନୟ କେବଳ ଲିଙ୍ଗ ବା ଜେଣ୍ଡର ମଧ୍ୟରେ ସୀମିତ ନାହିଁ । ଯେଉଁ ସମୟରେ ମହିଳାମାନଙ୍କୁ ପ୍ରାଧାନ୍ୟ ଦିଆଯାଉଛି, ସେତେବେଳେ କିନ୍ନରମାନେ ସେମାନଙ୍କ ସହ ପ୍ରତିଦ୍ୱନ୍ଦ୍ୱୀ ଭାବେ ମଞ୍ଚରେ ପାଦ ଥାପିବାକୁ ଯାଉଛନ୍ତି । କାରଣ ମହିଳା ନାୟିକାଙ୍କଠାରୁ ଟ୍ରାନ୍ସଜେଣ୍ଡରମାନେ ଅଭିନୟରେ କମ୍ ନୁହଁନ୍ତି । ସ୍ନେହା ସମେତ ଅନ୍ୟ ୩ ଜଣ କିନ୍ନର ବର୍ତ୍ତମାନ ରିହଲ୍‌ସେଲ କରୁଛନ୍ତି । ଖୁବ୍ ଶୀଘ୍ର ସେମାନେ ମଞ୍ଚରେ ଅଭିନୟ କରିବେ । ସେମାନଙ୍କ ଦକ୍ଷତାକୁ ଦୃଷ୍ଟିରେ ରଖି ସେମାନଙ୍କୁ ଯାତ୍ରାରେ ସୁଯୋଗ ଦେଇଥିବାରୁ ରାଣୀ ପଣ୍ଡା ଏବଂ 'ତପସ୍ୟା ଗଣନାଟ୍ୟ'ର ଟିଟନ୍ ବାବୁଙ୍କୁ ସାଧୁବାଦ ଜଣାଉଛି । ଯେଉଁମାନଙ୍କ ପାଇଁ ଆଗାମୀ ଦିନରେ କିନ୍ନରମାନେ ମଞ୍ଚରେ ଅଭିନୟର ଜଲୱା ଦେଖାଇବେ । ଅଭିନେତ୍ରୀଙ୍କଠାରୁ କିନ୍ନର ନାୟିକା କୌଣସି ଗୁଣରେ କମ୍ ନୁହଁନ୍ତି ବୋଲି ସେମାନେ ପ୍ରମାଣିତ କରିବେ ବୋଲି ବିଶ୍ୱାସ ଅଛି । ଅଭିନୟ ଜଗତରେ ସେମାନଙ୍କ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିବାକୁ ଯାଉଛନ୍ତି । ଏକଦା ଚଇତିଘୋଡ଼ା, ଦଣ୍ଡନୃତ୍ୟରେ କିନ୍ନରମାନେ ନୃତ୍ୟ ପ୍ରଦର୍ଶନ କରିଥିଲେ । ଯାତ୍ରା ପେଣ୍ଡାଲରେ ବଡ଼ ବଡ଼ ପାର୍ଟିରେ କିନ୍ନରମାନେ ଝିଅ ବେଶ ହୋଇଥାନ୍ତି । ଯାହାକି ସେମାନଙ୍କର ରୋଜଗାରର ମଧ୍ୟମ ପାଲଟିଥିଲା । କହିବାକୁ ଗଲେ ଏହା କୌଳିକ ବୃତ୍ତି ଥିଲା । କାଳକ୍ରମେ ସେହି ବୃତ୍ତିକୁ ଛଡ଼ାଇ ନିଆଯାଇଥିଲା । ପୁଣି ଥରେ ସେମାନେ ନିଜର କୌଳିକ ବୃତ୍ତିକୁ ଫେରି ପାଇଛନ୍ତି କହିଲେ ଅତ୍ୟୁକ୍ତି ହେବ ନାହିଁ । କୌଣସି ମହିଳା ନାୟିକାଙ୍କଠାରୁ କିନ୍ନର ନାୟିକାମାନେ କମ୍ ନୁହଁନ୍ତି । ତେଣୁ ଦର୍ଶକମାନଙ୍କୁ ସେମାନଙ୍କ ଅଭିନୟ ଭଲ ଲାଗିବ ବୋଲି ଆଶା । ସେମାନଙ୍କ ପାଖରେ ଜନ୍ମରୁ କଳା ଭର୍ତ୍ତି ହୋଇ ରହିଥାଏ । ତେବେ ମର୍ଯ୍ୟାଦାପୂର୍ଣ୍ଣ ଜୀବନଯାପନ କରିବା ନିମନ୍ତେ ଏହା କିନ୍ନରମାନଙ୍କ ପାଇଁ ଏକ ବଡ଼ ସୁଯୋଗ ।

**ମୀରା ପରିଡ଼ା**
ସମାଜସେବୀ

## ୫୦ ଟଙ୍କିଆ ଆଇଟମ୍ ଡ୍ୟାନ୍ସରରୁ ୫ କୋଟିର ମାଲିକାଣୀ



ଦିନେ ୫୦ ଟଙ୍କା ପାରିଶ୍ରମିକ ନେଇ ମଞ୍ଚରେ ନୃତ୍ୟ ପ୍ରଦର୍ଶନ କରୁଥିଲେ ଅଭିନେତ୍ରୀ ରାଣୀ ପଣ୍ଡା । ଯାତ୍ରା ମଞ୍ଚରୁ ବିବାଦରେ ଛନ୍ଦି ହୋଇଥିବା ଏହି ଅଭିନେତ୍ରୀଙ୍କୁ ସାମାଜିକ ଗଣମାଧ୍ୟମଠାରୁ ଆରମ୍ଭ କରି ବିଭିନ୍ନ କ୍ଷେତ୍ରରେ ବହୁବାର ଆକ୍ରୋଶର ଶିକାର ହେବାକୁ ପଡ଼ିଛି । ପାରିବାରିକ ଜୀବନଠାରୁ ଆରମ୍ଭ କରି ସାମାଜିକ ଏବଂ ବ୍ୟକ୍ତିଗତ ଜୀବନରେ ମଧ୍ୟ ଅନେକ ଝଡ଼ର ସାମ୍ନା କରିବାକୁ ପଡ଼ିଛି ତାଙ୍କୁ । କେଉଁଠି ତାଳି ମିଳିଛି ତ କେଉଁଠି ଗାଳି । ଏମିତିକି ଯେଉଁ ମଞ୍ଚରେ ଯେ ଦର୍ଶକଙ୍କୁ ମତୁଆଲା କରୁଥିଲେ, ସେହିଠାରୁ ତାଙ୍କୁ ବାସନ୍ଦ ମଧ୍ୟ କରାଯାଇଛି । ତଥାପି ସେ ନିଜ ଜୀବନ ଯୁଦ୍ଧରେ ପଛକୁ ଫେରି ନାହାନ୍ତି । ନିଜର ଦୃଢ଼ ମନୋବଳ ପାଇଁ ସେ ଆଜି ଯାତ୍ରା ଜଗତରେ ଏକ ମାଇଲଖୁଣ୍ଟ କହିଲେ ଅତ୍ୟୁକ୍ତ ହେବ ନାହିଁ । କାରଣ ଯେଉଁ ମଞ୍ଚରେ ସେ ଦିନେ ନୃତ୍ୟ ପରିବେଷଣ କରି ଗୁଜୁରାଣ ମେଣ୍ଟାଉଥିଲେ ଆଜି ଅନ୍ୟମାନଙ୍କୁ ରୋଜଗାର ଦେଇଛନ୍ତି । ନିଜେ ଦିନେ ଦାରିଦ୍ର୍ୟର ତାଡ଼ନାରେ ସଂଘର୍ଷ କରୁଥିଲେ ଅନ୍ୟମାନଙ୍କୁ ସେହି ଦିନ ଦେଖିବାକୁ ନପଡ଼ିବ ସେଥିପାଇଁ ସମାଜର ନିଷ୍ପେଷିତ, ଅସହାୟମାନଙ୍କୁ ମଧ୍ୟ ଆତ୍ମନିର୍ଭର କରିବାକୁ ଅଣ୍ଟା ଭିଡ଼ିଛନ୍ତି । ପ୍ରଥମ ଥର ପାଇଁ ରାଜ୍ୟରେ ଜଣେ ମହିଳା ଯାତ୍ରା ଅଭିନେତ୍ରୀ ରାଣୀ ପଣ୍ଡା ନିଜର ଏକ ଯାତ୍ରା ପାର୍ଟି 'ନାଟ୍ୟମଣ୍ଡପ' ଗଢ଼ିଛନ୍ତି । ସବୁଠାରୁ ବଡ଼କଥା ହେଉଛି ଯେଉଁମାନଙ୍କୁ ସମାଜ ଦିନେ ଘୃଣ୍ୟ ନଜରରେ ଦେଖୁଥିଲା, ସେମାନଙ୍କ ଅନ୍ତର୍ନିହିତ କଳାକୁ ଚିହ୍ନିପାରି ନିଜ ଯାତ୍ରା ପାର୍ଟିରେ ସୁଯୋଗ ଦେଇଛନ୍ତି । କିନ୍ନର ସ୍ନେହାଶ୍ରୀ ନାୟିକା ଭୂମିକାରେ 'ନାଟ୍ୟମଣ୍ଡପ'ରେ ଅଭିନୟ କରିବାକୁ ଯାଉଛନ୍ତି । ଯାତ୍ରା ମଞ୍ଚରେ ନିଜର ନିଖୁଣ ଅଭିନୟ ପ୍ରଦର୍ଶନ କରି କିନ୍ନର ସମାଜ ପାଇଁ ରୋଲ୍ ମଡେଲ୍ ପାଲଟିଛନ୍ତି ସ୍ନେହାଶ୍ରୀ । ଦିନେ ଯାହାକୁ ଦେଖି ଲୋକେ ଟାହିଟାପରା କରୁଥିଲେ, ଏବେ ତାଙ୍କ ଅଭିନୟରେ କରତାଳିରେ କମ୍ପିବ ମଞ୍ଚ ପରିସର । ଏଥିପାଇଁ ଜୋରଦାର୍ ଚାଲିଛି ରିହଲସେଲ୍ । ୫୦ ଟଙ୍କିଆ ଆଇଟମ୍ ଡ୍ୟାନ୍ସରରୁ କ୍ୟାରିଅର୍ ଆରମ୍ଭ କରିଥିବା ଅଭିନେତ୍ରୀ ରାଣୀ ପଣ୍ଡା ଏବେ ୫ କୋଟି ଟଙ୍କାର ମାଲିକାଣୀ ହୋଇପାରିଛନ୍ତି ।



## ଜଲୱା ଦେଖାଇବ ରୋବୋଟିକ୍ ଡଗ୍



ଆଇପିଏଲ୍‌ରେ ନିଜ କମାଲ୍ ଦେଖାଇଥିବା ରୋବୋଟଟିକ୍ ଡଗ୍ ଏବେ ଯାତ୍ରା ପେଣ୍ଡାଲରେ ଦେଖାଇବ ଜଲୱା । ସାଧାରଣ କୁକୁର ଭଳି ନାଚିବା, ଦୌଡ଼ିବା, ଗଡ଼ିବା ସହ ହ୍ୟାଣ୍ଡସେକ୍ ବି କରିବ ଏହି ରୋବୋଟିକ୍ ଡଗ୍ । ଓଡ଼ିଶାର ଯାତ୍ରା ଜଗତରେ ପ୍ରଥମ କରି 'ଯାଜ୍ଞସେନୀ' ମଞ୍ଚରେ ଦେଖିବାକୁ ମିଳିବ ରୋବୋଟିକ୍ ଡଗ୍, ଯାହାର ନାଁ ରହିଛି 'ରୋବୋ' । ପ୍ରମଥ ଥର ଯାତ୍ରା ମଞ୍ଚରେ ଦର୍ଶକମାନଙ୍କ ମନୋରଞ୍ଜନ କରିବ ରୋବାଟିକ୍ ଡଗ୍-ରୋବୋ । ଏହି ରୋବୋଟିକ୍ ଡଗ୍ ଦେଶ ବାହାରୁ ଅଣାଯାଇଥିବା ବେଳେ ଏହାର ଦାମ୍ ରହିଛି ପ୍ରାୟ ୩୦ ଲକ୍ଷ ଟଙ୍କା । ପୂର୍ବରୁ କଳାକାରମାନଙ୍କୁ ଦେଖିବାକୁ ଦର୍ଶକଙ୍କ ଭିଡ଼ ଜମୁଥିବା ବେଳେ ଏଥର ରୋବୋଟିକ୍ ଡଗ୍ ଦେଖିବାକୁ ଛୋଟ ପିଲାଙ୍କ ଠାରୁ ବୟସ୍କ ପର୍ଯ୍ୟନ୍ତ ବିଭିନ୍ନ ବର୍ଗର ଦର୍ଶକଙ୍କ ଭିଡ଼ ଲାଗିବ ।

## 'ଯାଜ୍ଞସେନୀ' ମଞ୍ଚରେ ମନୋରଞ୍ଜନ କରିବ 'ରୋବୋ'

ଦିନକୁ ଦିନ ଟେକ୍ନୋଲୋଜିର ବ୍ୟବହାର ବଢୁଥିବା ବେଳେ ଏହାକୁ ଆପଣାଇଛି ଯାତ୍ରା 'ଯାଜ୍ଞସେନୀ' । ସିନେମାରେ ଏଭଳି ଦୃଶ୍ୟ ଦେଖି ଦର୍ଶକମାନେ ବେଶ୍ ମଜା ନେଉଥିବା ବେଳେ ଏଣିକି ଯାତ୍ରାରେ ସିଧାସଳଖ ଦେଖିବାକୁ ପାଇବେ ଦର୍ଶକ । ବର୍ତ୍ତମାନ ସମୟ ସହ ତାଳ ଦେଇ ଯାତ୍ରା ଜଗତ ମଧ୍ୟ ପ୍ରତିଯୋଗିତା ଆରମ୍ଭ କରିଛି । ତେବେ ଏହି ରୋବୋଟ୍‌ରେ ଅନେକ ଗୁଡ଼ିଏ ଫିଚର୍ ରହିଛି । ବ୍ୟାଟେରୀ ଚାଳିତ ଏହି ରୋବୋଟ୍ ଥରେ ଚାର୍ଜ କଲେ ୫ ଘଣ୍ଟା ପର୍ଯ୍ୟନ୍ତ ରହିବ । ଯାହାର ପ୍ରତିଟି ଆକ୍ଟିଭିଟି ପାଇଁ ରିଜାର୍ଟ ଭଳି ଫିଚର୍ସ ଲୋଡ୍ କରାଯାଇପାରିବ ଏବଂ ମୋବାଇଲ୍ ଭଳି ଏହାର ନୂଆ ନୂଆ ଭର୍ସନ ମଧ୍ୟ ଅପଡେଟ୍ ହେବ । ଏଥିରେ ପ୍ରାୟ ୧ କୋଟି ପର୍ଯ୍ୟନ୍ତ ଫିଚର ଆଡ୍ କରାଯାଇପାରିବ । ଯାହାକି ବିଶେଷ କରି ପିଲାମାନଙ୍କୁ ଅଧିକ ମନୋରଞ୍ଜନ କରିବ ବୋଲି 'ଯାଜ୍ଞସେନୀ'ର ମ୍ୟାନେଜର ସମ୍ବିତ ମହାନ୍ତି କହିଛନ୍ତି । ସେ କହିଛନ୍ତି ଯେ, ଆସନ୍ତା ଅଗଷ୍ଟ ୧୦ରୁ ୧୫ ତାରିଖରେ ଆରମ୍ଭ ହେବାକୁ ଥିବା ଯାତ୍ରାର ପ୍ରତିଟି ରାତିରେ 'ରୋବୋ'କୁ ଦେଖିବାର ସୁଯୋଗ ପାଇବେ । ପ୍ରଥମେ ଭଜନ ପରିବେଷଣରୁ ଯାତ୍ରା ଆରମ୍ଭ ହୋଇ ମେଲୋଡିରେ ହିଁ ତା'ର ଜଲୱା ଦେଖାଇବ ଏହି ରୋବୋଟିକ୍ ଡଗ୍ । ଯାତ୍ରା ମଞ୍ଚରେ ଏହା ପ୍ରଥମ ହୋଇଥିବାରୁ ଏହାର ସଫଳତା ପରେ ଆଗାମୀ ଦିନରେ ରୋବୋଟିକ୍ ହ୍ୟୁମାନକୁ ମଧ୍ୟ ଯାତ୍ରା ମଞ୍ଚରେ ଦେଖିବାକୁ ପାଇବେ ଦର୍ଶକ । ଏଥିପାଇଁ ଯୋଜନା ଚାଲିଥିବା ଶ୍ରୀ ମହାନ୍ତି କହିଛନ୍ତି । ସେହିପରି ଯାତ୍ରାରେ ରିଫ୍ରେସ୍ କରିବା ପାଇଁ ରୋବୋଟିକ୍ ଡ୍ରୋନ୍‌ର ମଧ୍ୟ ବ୍ୟହାର କରାଯାଉଥିବା ସେ କହିଛନ୍ତି । ଯାହା ସାହଯ୍ୟରେ ପାଣି ସ୍ପ୍ରେ କରାଯିବା ସହ କାନ୍ଦିବା ଦୃଶ୍ୟରେ ମଧ୍ୟ ଏହା ସାହାଯ୍ୟ କରୁଛି । ■



# କେତେ କଥା, କେତେ ବ୍ୟଥା



ସଂପ୍ରତି ଓଡ଼ିଶାରେ ଯାତ୍ରାର ଲୋକପ୍ରିୟତା ବୃଦ୍ଧି ପାଇବାରେ ଲାଗିଛି । ଯାତ୍ରା ନାଟକ ଦେଖିବାକୁ ଲୋକଙ୍କ ଆଗ୍ରହ ବଢ଼ିବାରେ ଲାଗିଛି । ସେପଟେ ଯାତ୍ରାକୁ ନେଇ ବିବାଦ ମଧ୍ୟ କିଛି କମ୍ ହେଉ ନାହିଁ । ଏହି ପରିପ୍ରେକ୍ଷୀରେ ଯାତ୍ରା ଜଗତ ସହିତ ଜଡ଼ିତ କେତେ ଜଣ କଳାକାର, ନାଟ୍ୟ ନିର୍ଦ୍ଦେଶକଙ୍କ ମତାମତକୁ ନେଇ ଏଇ ସ୍ୱତନ୍ତ୍ର ଉପସ୍ଥାପନା ।

## ଯାତ୍ରା ମୌଳିକତା ହରେଇ ବସିଛି”



ଆଜିର ଯାତ୍ରା ଓ କାଲିର ଯାତ୍ରା ଭିତରେ ଅନେକ ଫରକ୍ । ୨୦୦୦ ମସିହା ପୂର୍ବରୁ ଯାତ୍ରାରେ ମୌଳିକତା ଥିଲା । ପରିବର୍ତ୍ତନ ଓ ଆଧୁନିକୀକରଣ ନାଁରେ ଯାତ୍ରାକୁ ଧୀରେ ଧୀରେ ବ୍ୟବସାୟକରଣ କରି ଦିଆଯାଉଛି । ଯାତ୍ରା ତା’ ନିଜସ୍ୱ ରୂପ ହରେଇବାରେ ଲାଗିଲା । କଳାକାରମାନଙ୍କର ଦରମା, ଧାରାବାହିକ ଓ ସିନେମା କଳାକାରମାନଙ୍କ ଯାତ୍ରାକୁ ପ୍ରବେଶ, ସାଜସଜ୍ଜା ଉପରେ ଅତ୍ୟଧିକ ଗୁରୁତ୍ୱ, ଟିକେଟରେ ଅହେତୁକ ମୂଲ୍ୟ ବୃଦ୍ଧି, ରେକର୍ଡ ଡ୍ୟାନ୍ସ ନାଁରେ ଅଶ୍ଳୀଳ ନୃତ୍ୟ ପ୍ରଦର୍ଶନ ଆଦି ଯୋଗୁଁ ଯାତ୍ରା ତା’ର ମୌଳିକତା ହରେଇ ବସିଛି । ଭଲ ନାଟକ ଉପରେ ଗୁରତ୍ୱ ଦିଆଯାଉନାହିଁ । ଏହାଦ୍ୱାରା ଯାତ୍ରା କଳାକାର, ମାଲିକମାନଙ୍କ ଭିତରେ ଅସନ୍ତୋଷ, ମନୋମାଳିନ୍ୟ, ଦେଖାଯାଉଛି । ଯାହାକି ଖୁବ୍ ସହଜରେ ଗଣମାଧ୍ୟମ ଦ୍ୱାରା ସାଧାରଣ ଦର୍ଶକଙ୍କ ପାଖରେ ପହଞ୍ଚିଯାଉଛି । ଟିକେଟର ମୂଲ୍ୟ ଏତେ ବୃଦ୍ଧି ହୋଇଛି ଯେ, ସାଧାରଣ ଲୋକଟିଏ ଯାତ୍ରା ଦେଖିବାକୁ ପରିବାର ସହ ଯିବାକୁ ଉଚିତ ମଣୁ ନାହିଁ । ନାଟକର କାହାଣୀ ମଧ୍ୟ ଦର୍ଶକମାନଙ୍କୁ ରାତି ସାରା ବାନ୍ଧି ରଖିପାରୁ ନାହିଁ । ଏଣୁ ଏବେଠୁ ଯଦି ଯାତ୍ରା ମାଲିକ, କଳାକାର, ନାଟ୍ୟକାରମାନେ ଏ ସବୁ ଦିଗ ପ୍ରତି ସଚେତନ ହୋଇ ଯାତ୍ରାର ମୌଳିକତାକୁ ଦୃଷ୍ଟି ନ ଦିଅନ୍ତି, ତାହେଲେ ଯାତ୍ରାର ଭବିଷ୍ୟତ ଅନ୍ଧାର ହୋଇଯିବ । ■

**ଦିଲ୍ଲୀପ ସାହୁ**, ଯାତ୍ରା ନିର୍ଦ୍ଦେଶକ

## ଦୁଇ ମାସ ପ୍ରାକ୍ଟିକାଲ୍; ଦଶ ମାସ ଥିଓରି”



ବଡ଼ ବଡ଼ ପାର୍ଟିର ଆଖଡ଼ାରେ ରିହଲ୍‌ସେଲ୍ ଜୁନ୍ ୨୦ରୁ ଅଗଷ୍ଟ ୧୦ ତାରିଖ ଯାଏଁ ଚାଲୁଥିବାବେଳେ ଛୋଟ ଛୋଟ ପାର୍ଟିଗୁଡ଼ିକ ଅଗଷ୍ଟରୁ ଆଖଡ଼ାରେ ରିହଲ୍‌ସେଲ୍ କରି ଗଣେଶ ପୂଜା, ବିଶ୍ୱକର୍ମା ପୂଜାରେ ଯାତ୍ରା ଆରମ୍ଭ କରିଥାନ୍ତି । ଆଗରୁ ମାଟିର ଲମ୍ବା ଘରେ ଆଖଡ଼ା ହେଉଥିଲା । ପରବର୍ତ୍ତୀ ସମୟରେ ଆଜବେଷ୍ଟ ଓ ସିମେଣ୍ଟ କୋଠା ଏହାର ବିକଳ୍ପ ସାଜିଥିଲା । ଆବଦ୍ଧ ଘରୁ ବାହାରି ଏବେ ସମସ୍ତ ପାର୍ଟିର ମାଲିକମାନେ ଦେଢ଼ ମାସ ଯାଏଁ ଟେଣ୍ଟ ବାନ୍ଧି ଏକ ସ୍ଥାୟୀ ଆଖଡ଼ାଶାଳା କରୁଛନ୍ତି । ଶ୍ରମିକଙ୍କୁ ଛାଡ଼ି କଳାକାର, ଲାଇଟ୍ ବିଭାଗ, ସାଉଣ୍ଡ ବିଭାଗ, ମ୍ୟୁଜିକ୍ ନିର୍ଦ୍ଦେଶକ, ମେସ୍ ଲୋକ, ଯାତ୍ରା ନିର୍ଦ୍ଦେଶକ ସମସ୍ତେ ଆଖଡ଼ାଘରେ ଉପସ୍ଥିତ ରହିଥାନ୍ତି । ଜଣେ ନାଟ୍ୟ ନିର୍ଦ୍ଦେଶକ ଭାବେ ଚଳିତ ବର୍ଷ ଅପେରା ସୂର୍ଯ୍ୟମନ୍ଦିରର ‘ପ୍ରିୟା, ପ୍ରୀତି, ପ୍ରିୟତମା’, ସୁକିନ୍ଦାରେ ଶିବାନୀର ‘ରଜ ସୁନ୍ଦରୀକୁ ସଜ ସିନ୍ଦୂର’ ନାଟକ ପାଇଁ ଆଖଡ଼ା କରି ସାରିଛି । ବର୍ତ୍ତମାନ ଶ୍ରୀମନ୍ଦିର ଅପେରାରେ କାମ ବାକି ଅଛି । ବର୍ଷକୁ ଆମେ ୧୦ ମାସ ଥିଓରି କଲେ, ୨ମାସ ପ୍ରାକ୍ଟିକାଲ୍ କରିଥାଉ । ପ୍ରତିବର୍ଷ ତିନି ଚାରିଟି କାହାଣୀ ନୂଆ କରିବାକୁ ପଡ଼ିଥାଏ । ଗୋଟିଏ କାହାଣୀ ପାଇଁ ପାଖାପାଖି ୩ମାସ ସମୟ ଲାଗିଥାଏ । ବାକି ସମୟରେ ବ୍ୟକ୍ତିଗତ କାମ ସହ ଯାତ୍ରାର ପେପର କାମ ସାରୁ । ଆସନ୍ତା ବର୍ଷ ଯେଉଁ ପାର୍ଟି ପାଇଁ ବୁକିଂ ହେବୁ, ସେହି ପାର୍ଟି ପାଇଁ ପୁଣି କାମ ଆରମ୍ଭ କରିଥାଉ । ■

**କିଶୋର ଖଣ୍ଡୁଆଳ**
ଯାତ୍ରା ନାଟ୍ୟକାର ଓ ନିର୍ଦ୍ଦେଶକ

## ଦର୍ଶକ ଭଲ କାହାଣୀ ଚାହାଁନ୍ତି”



‘ଉର୍ବଶୀ ଆସିଛି ଇନ୍ଦ୍ର ମହଲ’, ‘ପୁରୀ ଭାଗବତ ପିପିଲି ଗୀତା’, ‘ସିଆଇଡି ଦୟା’, ‘ପ୍ରେମ ଏକ ମିଠା ଜହର’ ଏମିତି ନାଟକରେ ଅଭିନୟ କରି ଦର୍ଶକଙ୍କ ଭଲ ପାଇବା ପାଇଛି । ଯାତ୍ରାରେ ମୋର ୨୦ ବର୍ଷର ଅଭିଜ୍ଞତା । ଆଗକାଳରେ ନାଟକରେ ସାମାଜିକ ଓ ମୌଳିକ କାହାଣୀ ରହୁଥିଲା । ଏବେ ସେସବୁ କମ୍ । ଏବେ ଯୁଗ ଆଉ ସମାଜକୁ ନେଇ ନାଟକ ଲେଖା ଯାଉଛି । ବର୍ତ୍ତମାନ ଯାତ୍ରାରେ ଆଧୁନିକତା ପଶିଯାଇଛି । ଆଧୁନିକତା ନାଁରେ ଆଇଟମ୍ ଡ୍ୟାନ୍ସ ଯାତ୍ରା ପରିବେଶକୁ କଳୁଷିତ କରୁଛି । ତେଣୁ ଏବେ କିଛି ଯାତ୍ରା ମାଲିକ ଓ ନିର୍ଦ୍ଦେଶକ ଏ ବିଷୟରେ ସଚେତନ ହେଲେଣି । ସେମାନେ ମୌଳିକ କାହାଣୀକୁ ନେଇ ଯାତ୍ରା କରିଲେଣି । ଦର୍ଶକ ଭଗବାନ । ସେମାନେ ଏତେ ଟଙ୍କା ଟିକେଟ୍ କାଟି ଯାତ୍ରା ଦେଖିବାକୁ ଆସୁଛନ୍ତି, ତେଣୁ ଆମେ ଭଲ କାହାଣୀକୁ ନେଇ ଯାତ୍ରା କଲେ, ଆଗାମୀ ଦିନରେ ଯାତ୍ରା ଭବିଷ୍ୟତ ଉଜ୍ଜ୍ୱଳ ହେବ । ସେହିପରି ଯାତ୍ରା ଜଗତରେ ଉଭୟ ପୁରୁଷ ଓ ମହିଳା ପରସ୍ପରକୁ ସମ୍ମାନ ଦେବା ଆବଶ୍ୟକ । ଭଲ କାହାଣୀ ହେଲେ, ଦର୍ଶକ ମୋବାଇଲ୍ କି ସାମାଜିକ ଗଣମାଧ୍ୟମକୁ ଛାଡ଼ି ଯାତ୍ରା ନାଟକ ଦେଖିବେ, ଏଥିରେ ସନ୍ଦେହ ନାହିଁ । ■

**ପଦ୍ମାବତୀ ପ୍ରଧାନ**, (ଟିକିଲି) ଯାତ୍ରା ଅଭିନେତ୍ରୀ

## ଯାତ୍ରା କଳାକାରଙ୍କ ଜୀବନ ଯାଯାବର”



ଆଜିକୁ ୨୨ ବର୍ଷ ହେଲା ମୁଁ ଯାତ୍ରା ସହିତ ଜଡ଼ିତ । ‘ସୁନାଝିଅ’ ଶିବାନୀ କହିଲେ ମୋତେ ସମସ୍ତେ ଜାଣନ୍ତି । ଆମ ପାଇଁ ଦର୍ଶକ ଭଗବାନ । ସେମାନଙ୍କ ପାଇଁ ଆମେ ପେଣ୍ଡାଲକୁ ଚଢ଼ୁ । ଟିକେଟ କାଟି ସେମାନେ ରାତିସାରା ଯାତ୍ରା ଦେଖନ୍ତି । ଆମେ ବି ଅନିଦ୍ରା ରହି ଭଲ ଅଭିନୟ କରିବାକୁ ଆପ୍ରାଣ ଚେଷ୍ଟା କରୁ । ଦର୍ଶକ ଚାହିଁଲେ ରାତାରାତି ହିରୋ ସଜାନ୍ତି, ପୁଣି ଜିରୋ ବି ସଜାଇ ଦିଅନ୍ତି । ଅଭିନୟ ଜୀବନ୍ତ ହେଲେ ଦର୍ଶକ ଏହାର ସଠିକ୍ ଫଳ ତଥା ମତାମତ ଦିଅନ୍ତି । ତେବେ ମୋ’ ଜୀବନରେ ବହୁ ନାଟକ କରିଥିଲେ ବି ଗତବର୍ଷ ‘ହା କୃଷ୍ଣ ବୋଲି ଯାଉ ଜୀବନ’ ଯାତ୍ରାରେ ‘ଚଇତି’ ଭୂମିକାରେ ଦର୍ଶକ ବହୁତ ଭଲ ପାଇବା ଦେଇଛନ୍ତି । ଯାତ୍ରା ପେଣ୍ଡାଲ ପାଖେ ମା’ମାନେ କୁଣ୍ଢାଇ ଗେଲ କରିବା ମୋ’ ପାଇଁ ବହୁତ ଖୁସିର ମୁହୂର୍ତ୍ତ ଥିଲା । ଅନ୍ୟପଟେ ଚଳିତ ବର୍ଷର ମୁଖ୍ୟ ଆକର୍ଷଣ ରହିବ ‘ମେମ୍ ସାହେବ’, ‘ରଜ ସୁନ୍ଦରୀକୁ ସଜ ସିନ୍ଦୂର’ ‘ଏ ମନ କାଶୀ ବୃନ୍ଦାବନ’ । ଆମ ଯାତ୍ରା କଳାକାରଙ୍କ ଜୀବନ ଯାଯାବର । କାହା ଭଙ୍ଗାଘର, ଓଳିତଳେ, ସ୍କୁଲ, ଚାଳିଆ ତଳେ ରହି ପ୍ରତ୍ୟେକ ଗାଁ ବୁଲି ଯାତ୍ରା କରୁ । କଷ୍ଟ ଲାଗେ, ଖୁସି ବି ଲାଗେ । ବର୍ତ୍ତମାନ ମିଡିଆ ଯୁଗ । ଯାହା କିଛି ହେଲେ, ଲୋକଙ୍କ ପାଖେ ସହଜରେ ପହଞ୍ଚିପାରୁଛି । ଏତେ ସବୁ ପରେ ଯାତ୍ରାର କ୍ରେଜ ବଢ଼ିଛି । ■

**କାବେରୀ ପାଢ଼ୀ**, ଅଭିନେତ୍ରୀ




## ନୀତି ଅନୀତି ରାଜନୀତି

ଶ୍ରୀବିଦୁର



## ଆକସ୍ମିକ ବୈରାଗ୍ୟ

ସୁନ୍ଦରଗଡ଼ ପଦ୍ମମଣି ତଥା କେନ୍ଦ୍ରମନ୍ତ୍ରୀ ଜୁଏଲଙ୍କ ଆକସ୍ମିକ ବୈରାଗ୍ୟ ଏବେ ଅନେକଙ୍କୁ ବିସ୍ମିତ କରିଛି। ତାଙ୍କ ଦଳର ବୟସ୍କ ନେତାମାନେ ପ୍ରତ୍ୟକ୍ଷ ରାଜନୀତି ପୁଷ୍କରିଣୀରେ ବୁଡ଼ ମାରି ସ୍ୱର୍ଗାନନ୍ଦ ଲାଭ କରୁଥିବାବେଳ ଆଗକୁ ପ୍ରତ୍ୟକ୍ଷ ନିର୍ବାଚନ ନ ଲଢ଼ିବାକୁ ଜୁଏଲଙ୍କ ଇଚ୍ଛାବ୍ୟକ୍ତି ପଛରେ କେଉଁଠି ଗୋଟାଏ କେଁ ଥିବା ଅନେକ ମନେ କରୁଛନ୍ତି । ୨୦୨୯ ରେ ଟିକଟ ନ ମିଳିବା ଆଶଙ୍କାରେ ଜୁଏଲ ଏବେଠାରୁ ବାଟ ସଫା କରୁଛନ୍ତି ବୋଲି ବି କେହିକେହି କହିବା ଆରମ୍ଭ କଲେଣି। ଆସିଷ୍ଟାଣ୍ଟ ଫୋରମ୍ୟାନ ଚାକିରି ଛାଡ଼ି ରାଜନୀତିରେ ପ୍ରବେଶ କରିଥିବା ଜୁଏଲ୍ ଏବେ ତାଙ୍କ ରାଜନୈତିକ ଜୀବନର ଶୀର୍ଷରେ ପହଞ୍ଚିଲେଣି। କେନ୍ଦ୍ରରେ ଢ଼େର ଥର କ୍ୟାବିନେଟ୍ ମନ୍ତ୍ରୀ ହେଲେଣି। ମାତ୍ର ଗତ କିଛି ଦିନ ହେଲା ବିବାଦ ଯେମିତି ତାଙ୍କ ପିଛା ଛାଡୁନାହିଁ । ଶିଳ୍ପ ସହର ରାଉରକେଲା ଓ ସୁନ୍ଦରଗଡ଼ ଜିଲ୍ଲାରେ ଶ୍ରମିକ ସଙ୍ଗଠନଗୁଡ଼ିକ ଉପରେ ବି ତାଙ୍କର ଆଉ କୁଆଡ଼େ ନିୟନ୍ତ୍ରଣ ନାହିଁ । ସେଥିପାଇଁ ସେ ଆଉ ପ୍ରତ୍ୟକ୍ଷ ନିର୍ବାଚନ ଲଢ଼ିବା ପରିବର୍ତ୍ତେ ରାଜ୍ୟସଭାକୁ ଯିବା କିମ୍ବା ରାଜ୍ୟପାଳ ହେବାକୁ ଆଗ୍ରହୀ। ସମ୍ବଲପୁର ଜିଲ୍ଲାର ଏକ ସମାବେଶରେ ନିଜେ ଜୁଏଲ ମଧ୍ୟ ଅନୁରୂପ କଥା କହିଥିବା ଗଣମାଧ୍ୟମରେ ପ୍ରଚାରିତ ହୋଇଛି । ମାତ୍ର ରାଜ୍ୟ ତଥା ଦେଶରେ ରାଜନୀତି ଅବସ୍ଥା ଯାହା ସେଥିରେ ଜୁଏଲଙ୍କୁ ରାଜ୍ୟପାଳ ପଦ ଦେଇ ବା ରାଜ୍ୟସଭାକୁ ପଠାଇ ସୁନ୍ଦରଗଡ଼ରେ ଉପନିର୍ବାଚନ କରିବାକୁ ପଦ୍ମଦଳ ଚାହିଁବ ନାହିଁ। ତେଣୁ ଯାହାକୁ ବିଚାର କଲେ ଆସନ୍ତା ଚାରିବର୍ଷ ମଧ୍ୟରେ ଜୁଏଲଙ୍କ ଏହି ଇଚ୍ଛା ପୂରଣ ହେବା ଆଶା ଦିଶୁନାହିଁ କି ଟିଡ଼ିପି-ଜେଡ଼ିୟୁ କାନ୍ଧରେ ବସିଥିବା ତାଙ୍କ ସରକାର ଜୁଏଲଙ୍କୁ ଏପରି ସୁଯୋଗ ଦେବାର କୌଣସି ସମ୍ଭାବନା ନାହିଁ । ଆଉ ରହିଲା ୨୦୨୯ ନିର୍ବାଚନ; ଏତେ ସପନକୁ ରାତି କାହିଁ? ■



## ମାନବିକତାର ଅପମୃତ୍ୟୁ

ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ବିଇଡ଼ି ଛାତ୍ରୀ ସୌମ୍ୟାଶ୍ରୀଙ୍କ ଆତ୍ମଦାହକୁ ନେଇ ସାରା ରାଜ୍ୟ ଉଠୁଛି ପଡୁଛି । ବିରୋଧୀମାନେ ସରକାରଙ୍କଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀ, ଉଚ୍ଚଶିକ୍ଷାମନ୍ତ୍ରୀଙ୍କୁ ନିଶାଣ କରିଛନ୍ତି ଓ ଇସ୍ତଫା ଦାବି କରିଛନ୍ତି । ମାତ୍ର ସୌମ୍ୟାଶ୍ରୀଙ୍କ ମୃତ୍ୟୁ ଘଟଣାକୁ ନେଇ ଗିରଫ ଅଧ୍ୟାପକ ଓ ଅଧ୍ୟକ୍ଷଙ୍କ ସହ ବିବାଦର ବାରୁଦଗଦାରେ ଠିଆ ହୋଇ ଦିଆସିଲି ଅଣ୍ଡାଳୁଛନ୍ତି ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀ । ପଦ୍ମ ଦଳର ଛାତ୍ର ସଙ୍ଗଠନର ଜଣେ ସଙ୍ଗଠିକା ସୌମ୍ୟାଶ୍ରୀ ତାଙ୍କ ନିର୍ଯାତନା ସମ୍ପର୍କରେ ଅନ୍ୟମାନଙ୍କ ସହ ସାଂସଦଙ୍କୁ ବି ଅବଗତ କରିଥିଲେ। ମାତ୍ର ସୌମ୍ୟାଶ୍ରୀ ଆତ୍ମଦାହ କରି ପ୍ରାଣ ହରାଇଥିବା ସତ୍ତ୍ୱେ ସାଂସଦ ଷଡ଼ଙ୍ଗୀ ତାଙ୍କ ମନରେ ସାମାନ୍ୟ ଗ୍ଲାନି ନାହିଁ ବୋଲି କହିଥିବା କଥାଟି ସମସ୍ତଙ୍କୁ କ୍ଷୁବ୍ଧ କରିଛି । ଘଟଣା ଘଟିଥିବା କଲେଜଟି ତାଙ୍କରି ସଂସଦୀୟ କ୍ଷେତ୍ର ଅଞ୍ଚଳର। ରାଜ୍ୟରେ ତାଙ୍କରି ଦଳର ସରକାର ଓ ନିର୍ଯାତନା ସଂପର୍କରେ ଛାତ୍ରୀଜଣକ ସରକାରଙ୍କ ସହ ତାଙ୍କ ନିକଟରେ ବି ଫେରାଦ ହୋଇଛି । ଚାରିଆଡୁ ନିରାଶ ହେବା ପରେ ନିଜ ଦେହରେ ପେଟ୍ରୋଲ ଢ଼ାଳି ସେ ଆତ୍ମଦାହ କରିଛି । ହେଲେ ସାଂସଦ ଷଡ଼ଙ୍ଗୀ ଗ୍ଲାନି ଅନୁଭବ କରିବା ପରିବର୍ତ୍ତେ ବିରୋଧୀଙ୍କୁ ଏ ପ୍ରସଙ୍ଗରେ ତର୍କ ପାଇଁ ଆହ୍ୱାନ କରୁଛନ୍ତି। ଏ କି ପ୍ରକାର ମାନସିକତା ? ନିକଟରେ ଓଡିଶା ଗସ୍ତରେ ଆସିଥିବା ରାଷ୍ଟ୍ରପତି ରେଭେନ୍ସା ବିଶ୍ୱବିଦ୍ୟାଳୟରେ ଦେଇଥିବା ଅଭିଭାଷଣକୁ ସାଂସଦ ଷଡ଼ଙ୍ଗୀ ମହାଶୟ ଟିକେ ଭଲ ଭାବରେ ଶୁଣନ୍ତୁ। କଥା ପ୍ରସଙ୍ଗରେ ରାଷ୍ଟ୍ରପତି ମାନବିକତା ସମ୍ପର୍କରେ ଯେଉଁ କଥା ପଦିଏ କହିଛନ୍ତି; ତାହା ଶୁଣିବା ପରେ କେଜାଣି ହୁଏତ ସାଂସଦଙ୍କ ଚୈତନ୍ୟୋଦୟ ହୋଇପାରେ । ■



## ଲକ୍ଷ୍ମଣଙ୍କ ସ୍ୱପ୍ନ

କଣ୍ଟାବାଞ୍ଜି ପଦ୍ମ ନେତା ଲକ୍ଷ୍ମଣ ଏବେ ଅଭିମାନ କରିଛନ୍ତି; ଖାଲି ଅଭିମାନ ନୁହେଁ, ତାଙ୍କୁ ଜିତାଇ କଣ୍ଟାବାଞ୍ଜି ବାସୀ କ'ଣ ପାଇଲେ ବୋଲି ବି ପ୍ରଶ୍ନ କରିଛନ୍ତି । ପଦ୍ମ ଶାସିତ ଅନ୍ୟ ରାଜ୍ୟ ହୋଇଥିଲେ ତାଙ୍କୁ ବିଭିନ୍ନ ଭାବରେ ପୁରସ୍କୃତ କରାଯାଇଥାଆନ୍ତା ବୋଲି ଉଲ୍ଲେଖ କରି ନିଜ ଦଳର ନେତାଙ୍କୁ ଖେଞ୍ଚ ମାରିଛନ୍ତି। କେବଳ ଯୋଗ୍ୟ ଲୋକଙ୍କୁ ମନ୍ତ୍ରୀ ପଦ ମିଳେ ବୋଲି ରାଜ୍ୟ ନେତୃତ୍ୱକୁ ବି ପରୋକ୍ଷ କଟାକ୍ଷ କରିଛନ୍ତି । ଲକ୍ଷ୍ମଣଙ୍କ ଅଭିମାନ, କଟାକ୍ଷକୁ ତାଙ୍କ ଅଞ୍ଚଳବାସୀ ସମର୍ଥ କରିଛନ୍ତି । କାହିଁକି ନ କରିବେ ଯେ ? ବୟସ ପଚାଶ ହେଲେ ବି ଲକ୍ଷ୍ମଣ ହେଉଛନ୍ତି ତାଙ୍କ ଦଳର ଯୁବ ନେତା। ଅଡ଼ତିରିଶି ବର୍ଷ ବୟସରେ ସେ ଆହ୍ଲାବାଦ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଓପନ୍ ସ୍କୁଲିଂରୁ ଦଶମ ଶ୍ରେଣୀ ପାସ କରିଛନ୍ତି । ରାଜ୍ୟରେ ସରକାର ବର୍ଷପୂର୍ତ୍ତି କରିବା ପରେ ବି ତାଙ୍କୁ କିଛି ପଦପଦବୀ ମିଳିଲା ନାହିଁ। ଲକ୍ଷ୍ମଣଙ୍କ ପାଇଁ କେହି ଜଣେ ତୁଣ୍ଡ ଖୋଲିଲେ ନାହିଁ, ସେଥିପାଇଁ ନିଜ ଅଞ୍ଚଳବାସୀଙ୍କ କଥା ଲକ୍ଷ୍ମଣ ନିଜେ ବଖାଣିଛନ୍ତି । ମନ୍ତ୍ରୀ ପଦ ନ ମିଳିଲେ ବି ଲକ୍ଷ୍ମଣଙ୍କୁ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ ପଦ ପରି କ୍ୟାବିନେଟ୍ ପାହ୍ୟା ଦେଲେ କଣ୍ଟାବାଞ୍ଜିବାସୀ ଖୁସି ହେବେ ବୋଲି ତାଙ୍କ ସମର୍ଥକ କହୁଛନ୍ତି। ହେଲେ ବାବୁ ଲକ୍ଷ୍ମଣଙ୍କ ଆଶା କ'ଣ ସତରେ ପୂରଣ ହେବ? ମୋହନ ସରକାରରେ ବଲାଙ୍ଗୀର ଜିଲ୍ଲାରୁ ଏବେ ଦୁଇଜଣ ପାୱାରଫୁଲ୍ ମନ୍ତ୍ରୀ । ଜଣେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ଓ ଆଉ ଜଣେ ମୁଖିଆ ମୋହନଙ୍କ ଘନିଷ୍ଠ ସହଯୋଗୀ ବାବୁ ମହାଲିଙ୍ଗ । ଏବେ ଗୋଟିଏ ସଂସଦୀୟ କ୍ଷେତ୍ରକୁ ଗୋଟିଏ ମନ୍ତ୍ରୀ ବା ମନ୍ତ୍ରୀ ପାହ୍ୟା ନୀତିକୁ ଯଦି ଦଳ କାର୍ଯ୍ୟକାରୀକରେ; ତେବେ କିଏ ଯିବେ ସେ ଅଡୁଆ ତୁଟୁନାହିଁ । ଆଉ ବାବୁ ଲକ୍ଷ୍ମଣ? ଅବଶ୍ୟ ସ୍ୱପ୍ନ ଦେଖିବାକୁ କ'ଣ କାହାକୁ ମନା ଅଛି ? ■



## ବିପଦରେ ସୂର୍ଯ୍ୟବଂଶୀ

ରାଜ୍ୟରେ ଅପ୍ରତ୍ୟାଶିତ ଭାବରେ ବିଜେପି କ୍ଷମତାକୁ ଆସିବା ପରେ ବିଷ୍ଣୁତନୟ ସୂର୍ଯ୍ୟବଂଶୀ ସୂରଜ ଥିଲେ ତାଙ୍କ ଦଳର ନୟନପିତୁଳା । ତାଙ୍କଠାରେ ଅନେକ ସମ୍ଭାବନା ଥିବା ପଦ୍ମ ଦଳିଆ ବଡ଼ନେତାମାନେ ମନେ କରୁଥିଲେ । କେହି କେହି ତ ତାଙ୍କୁ ସମ୍ଭାବ୍ୟ ମୁଖ୍ୟମନ୍ତ୍ରୀ ଭାବରେ ଚିତ୍ରଣ ଆରମ୍ଭ କରିଥିଲେ। ଅନେକ ପ୍ରବୀଣ ଓ ବରିଷ୍ଠ ନେତାଙ୍କୁ ପଛରେ ପକାଇ ସୂର୍ଯ୍ୟବଂଶୀ ସୂରଜ ମନ୍ତ୍ରୀ ହେଲେ; ଗୁରୁତ୍ୱପୂର୍ଣ୍ଣ ଉଚ୍ଚଶିକ୍ଷା ଓ କ୍ରୀଡ଼ା ପରି ଦୁଇଦୁଇଟି ବିଭାଗର ଦାୟିତ୍ୱ ପାଇଲେ। ମାତ୍ର ଗତ କେଇମାସ ହେଲା ସୂର୍ଯ୍ୟବଂଶୀଙ୍କ ଉପରେ ଗୋଟିଏ ପରେ ଗୋଟିଏ ବିପଦ ବଜ୍ର ପରି ପଡୁଛି। ରଥ ଅଘଟଣ, ଗୋପାଳପୁର ଗଣବଳାତ୍କାର ଓ ବିଏମ୍‌ସିରେ ଅତିରିକ୍ତ କମିଶନଙ୍କୁ ମାଡ଼ ଘଟଣାକୁ ନେଇ ନିନ୍ଦିତ ଓ ବିବାଦୀୟ ହୋଇଥିବା ତାଙ୍କ ସରକାରର ସହଯୋଗୀ ମନ୍ତ୍ରୀମାନଙ୍କୁ ପଛରେ ପକାଇ ଆଗକୁ ଅତିକ୍ରମ କରି ଯାଇଛନ୍ତି ସୂର୍ଯ୍ୟବଂଶୀ। ସୌମ୍ୟାଶ୍ରୀ ଆତ୍ମଦାହ ଘଟଣା ଅନ୍ୟ ସବୁ ଘଟଣାକୁ ଫିକା କରିଦେଇଛି ଓ ସୂର୍ଯ୍ୟବଂଶୀଙ୍କ ଚେହେରାକୁ ମଳିନ କରିଛି। ଏତିକି ବେଳକୁ ହାତ ଦଳିଆ ଯୁବନେତାମାନେ ରାଜରାସ୍ତାରେ ସୂର୍ଯ୍ୟବଂଶୀଙ୍କ ଫଟୋକୁ ରକଫୋଡର୍‌ରେ ସ୍ନାନ କରାଇବା ପରେ ତାଙ୍କ ମନ୍ତ୍ରୀପଦ କୁଆଡ଼େ ବିପଦରେ ପଡ଼ିଯାଇଛି। ଏ କଥା ଆମେ କହୁନାହୁଁ; ସେକ୍ସପିୟର ଇଂରାଜୀ ପ୍ରବୀଣ କଟକୀ ନେତା ପ୍ରକାଶଙ୍କ କିଛି ଘନିଷ୍ଠ ଅନୁଗତ ଏ କଥା ପ୍ରଚାର ଚଳାଇଛନ୍ତି। ଏହା ପଛରେ ପ୍ରକାଶଙ୍କର କି ମହତ୍ ଉଦ୍ଦେଶ୍ୟ ଅଛି ତାହା ଆମକୁ ଜଣାନାହିଁ; ହେଲେ ତାଙ୍କୁ ମନ୍ତ୍ରୀ କରାଗଲେ ଜାତୀୟ ଗଣମାଧ୍ୟମକୁ ମତ-ମନ୍ତବ୍ୟ-ବିବୃତି -ପ୍ରତିକ୍ରିୟା ଦେବାକୁ ରାଜ୍ୟ ସରକାର ଆଉ ଅସୁବିଧା ଅନୁଭବ କରିବେ ନାହିଁ ବୋଲି ପ୍ରକାଶଙ୍କ ଅନୁଗତମାନେ କୁଆଡ଼େ କହୁଛନ୍ତି । ■

**ଏହା ଏକ ବ୍ୟଙ୍ଗାତ୍ମକ ଆଲେଖ୍ୟ। ଏହାଦ୍ୱାରା କାହାର ସମ୍ମାନହାନି କରିବା ଆମ୍ଭର ଉଦ୍ଦେଶ୍ୟ ନୁହେଁ। ସାମ୍ପ୍ରତିକ ରାଜନୈତିକ ସ୍ଥିତିକୁ ମନୋରଞ୍ଜନ ଶୈଳୀରେ ପାଠକଙ୍କ ସାମ୍ନାକୁ ଆଣିବା ଏହାର ଏକମାତ୍ର ଲକ୍ଷ୍ୟ।**